## ସଂକ୍ଷେପରେ

### ପ୍ରଥମରୁ ୮ମ ଶ୍ରେଣୀ ଖୋଲିବାକୁ ଦାବି

**ପୁରଣା ଭୁବନେଶ୍ୱର, ୧୨।୩(ଡି.ଏନ୍.ଏ.):** ରାଜ୍ୟରେ କରୋନା କଟକଣା କୋହଳ ପରେ ସରକାର ବିଭିନ୍ନ ସାଂସ୍କୃତିକ ମହୋତ୍ସବ, ଯାତ୍ରା, ଅଙ୍ଗନୱାଡି କେନ୍ଦ୍ର, ଧର୍ମାନୁଷ୍ଠାନ, ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ରାଜନୈତିକ ସମାବେଶକୁ ଅନୁମତି ପ୍ରଦାନ କରିଛନ୍ତି। ତେବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟଗୁଡ଼ିକୁ ଖୋଲିବା ପାଇଁ ନିଖିଳ ଓଡ଼ିଶା ଘରୋଇ ବିଦ୍ୟାଳୟ ସଂଘ ଦାବି କରିଛି। ଏନେଇ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସରକାରଙ୍କ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ସଂଘ ପକ୍ଷରୁ ଆସନ୍ତା ୧୬ତାରିଖରେ ଲୋୟର ପିଏମ୍‌ଜିରେ ଧାରଣା ଦିଆଯିବ ବୋଲି ଗୁରୁବାର ମାଷ୍ଟରକ୍ୟାଣ୍ଟିନସ୍ଥିତ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ସଂଘ ସମ୍ପାଦକ ଅବନୀ କୁମାର ସୂତାର କହିଛନ୍ତି। ବୈଠକରେ ସଭାପତି ସତ୍ୟ ନାରାୟଣ ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଶ୍ରୀଲିଙ୍ଗରାଜ ମନ୍ଦିର ପରିସର ସଫେଇ କଲେ ସ୍ୱେଚ୍ଛାସେବୀ

**ପୁରୁଣାଭୁବନେଶ୍ୱର,୧୨।୩(ଡି.ଏନ୍.ଏ.):** ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାଶିବରାତ୍ରିରେ ଭକ୍ତମାନେ ଛାଡ଼ିଯାଇଥିବା ଦୀପ, ବେଲପତ୍ର, କୁଡୁଆ, ପଲିଥିନଗୁଡ଼ିକୁ ସ୍ୱେଚ୍ଛାସେବୀମାନେ ପରିଷ୍କାର କରିଥିଲେ। ଏଥିସହ ମନ୍ଦିର ଗର୍ଭଗୃହ, ଆଡ଼କାଠ ନିକଟ, ଅନ୍ୟ ପାର୍ଶ୍ୱଦେବଦେବୀ ମନ୍ଦିର ନିକଟରେ ଥିବା ବର୍ଜ୍ୟବସ୍ତୁଗୁଡ଼ିକୁ ମଧ ସଫା କରାଯାଇଥିଲା। ମିସିଂ ଫାଉଣ୍ଡେଶନ, ଧଉଳି ଚାରୁକଳା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର, ସୁରେନ୍ଦ୍ର ନାଥ ଜେନା ଟ୍ରଷ୍ଟ, ସତ୍ୟସାଇ ସେବା ସମିତି, ଆଇଟି କମ୍ପାନୀ, ଡିଆଇ ପ୍ରଫେସନାଲ କର୍ମଚାରୀ ପ୍ରମୁଖ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ରଞ୍ଜନ କୁମାର ଦାସ, ଗୋପୀମୋହନ ପଟ୍ଟନାୟକ, ଅଧାପକ ବିଶ୍ୱକାନ୍ତ ପଣ୍ଡା, ଅଧାପକ ପଞ୍ଚାନନ ସାମଲ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ଡ୍ରେନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ୧୨।୩ (ବ୍ୟୁରୋ):** ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଏମ୍‌ସି ୱାର୍ଡ ନଂ.୪ରେ ୨ଟି ଡ୍ରେନ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜାତୀୟ ରାଜପଥ ପାର୍ଶ୍ୱ ପାହାଲ ଅଣ୍ଡର ପାସ୍‌ଠାରୁ ପାଲମନ୍ତ୍ରା ଓ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଡ୍ରେନ୍ ପାଇଁ ୨ କୋଟି ୯୬ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ଜାତୀୟ ରାଜପଥ ପାର୍ଶ୍ୱ ପୁରୀ ମୁଖ୍ୟ କେନାଲରୁ ସିମ୍ଫୋନୀ ମଲ୍ ପର୍ଯ୍ୟନ୍ତ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଆଉଏକ ଡ୍ରେନ୍ ତିଆରି ହେବ। ଏହି ଦୁଇ ଡ୍ରେନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରି ବିଧାୟକ ତଥା ଜିଲା ସଭାପତି ସୁଶାନ୍ତ ରାଉତ କହିଛନ୍ତି, ଏହାଦ୍ୱାରା ବହୁଦିନ ଧରି ଲାଗି ରହିଥିବା ଜଳବନ୍ଦୀ ସମସ୍ୟା ଦୂର ହେବ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ଗାୟତ୍ରୀ ଲେଙ୍କା, ୱାର୍ଡ ସଭାପତି ରମାକାନ୍ତ ଜେନା, ଯୁବନେତା ସ୍ୱାକ୍ଷର ମହାନ୍ତି, ପପୁ ଲେଙ୍କା, ସନ୍ତୋଷ ଜେନା, ଦୀପକ ସାମନ୍ତରାୟ, ସାଗର ଜେନା, ଦୀପକ ଜେନା, ବରିଷ୍ଠ ନାଗରିକ ଗୁନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ଥାନାରେ ଖତ ଖାଉଛି ୧୦ ହଜାରରୁ ଉର୍ଦ୍ଧ୍ୱ ଗାଡ଼ି

ଭୁବନେଶ୍ୱର, ୧୨।୩(ବ୍ୟୁରୋ)

ଭୁବନେଶ୍ୱର କମିଶନରେଟ ପୋଲିସର ବିଭିନ୍ନ ଥାନାରେ ଖତ ଖାଉଛି ଜବତ ଗାଡ଼ି। ୧୦ ହଜାରରୁ ଉର୍ଦ୍ଧ୍ୱ ବାଇକ, କାର, ଟ୍ରକ ଆଦି ଖରାବର୍ଷା ଖାଇ ନଷ୍ଟ ହେଉଥିବାରୁ ଏହା ହାଇକୋର୍ଟଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ହେଉଛି। ମଞ୍ଚେଶ୍ୱର ଥାନାରେ ୧୦ବର୍ଷ ହେଲା ଜବତ ଗାଡ଼ି ପଡିରହିଛି। ଥାନା ପଛପଟେ ପ୍ରାୟ ୧ହଜାର ବାଇକ, କାର, ବସ, ଟ୍ରକ, ସାଇକେଲ ଗଦାହୋଇ ରହିଛି। ଅଧିକାଂଶ କଳଙ୍କି ଲାଗି ଯାଇଥିବାବେଳେ ଆଉ କିଛି ମାଟିରେ ମିଶିଗଲାଣି। ଏୟାରଫିଲ୍ଡ, ଖଣ୍ଡଗିରି, ଶହୀଦନଗର ଥାନାରେ ସମାନ ଦୃଶ୍ୟ ଦେଖିବାକୁ ମିଳୁଛି। ଯଦି କେହି ଯାନ ମାଲିକ ବା ବୀମା କମ୍ପାନୀ ଦାବି ନ କରନ୍ତି, ତାହାକୁ ମାଜିଷ୍ଟ୍ରେଟଙ୍କ ଅନୁମତି ନେଇ ନିଲାମ କରାଯିବା କଥା। କିନ୍ତୁ ତାହା କରାଯାଉନାହିଁ। ଫଳରେ ଏହି ଗାଡିଗୁଡିକ କେବଳ ନଷ୍ଟ ହେଉନାହିଁ ବରଂ ଥାନାର ବୃହତ୍ ଅଂଶ ମାଡିବସିବା ସହ ସୌନ୍ଦର୍ଯ୍ୟ ହରାଉଛି। ଏ ସମ୍ପର୍କରେ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ମାସକ ମଧରେ ବିଭିନ୍ନ ଥାନାର ଜବତ ଗାଡିଗୁଡିକ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ମାସେ ହେଲାଣି ଜବତ ଗାଡଗୁଡିକର ଡାଟାବେସ ପ୍ରସ୍ତୁତ କରୁଛୁ। ଏହି ଦାୟିତ୍ୱରେ ଜଣେ ଅତିରିକ୍ତ ଡିସିପି କାର୍ଯ୍ୟ କରୁଛନ୍ତି। କେଉଁ ଗାଡିର ମାଲିକାନା ରହିଛି, କେଉଁ ଚୋରି ଗାଡି ଜବତ ହୋଇଛି, ଦୁର୍ଘଟଣାଗ୍ରସ୍ତ ଗାଡ଼ି ଆଦିର ତଥ୍ୟ ସଂଗ୍ରହ କରାଯାଉଛି। ଫେବୃୟାରୀ ସୁଦ୍ଧା ଏହା ଶେଷ ହେବା କଥା। କିନ୍ତୁ କେତେକ କାରଣରୁ ଏବେସୁଦ୍ଧା ୨ଟି ଥାନାରେ ଗାଡି ତାଲିକା ପ୍ରସ୍ତୁତ ହୋଇଛି। ତାଲିକା ପ୍ରସ୍ତୁତି ସରିବା ପରେ ପ୍ରଥମେ ସର୍ବସାଧାରଣ ନୋଟିସ ପ୍ରକାଶ ପାଇବ। ପରେ ପୋଲିସ କମିଶନରଙ୍କ ନିର୍ଦ୍ଦେଶକ୍ରମେ ନିଲାମ ହେବ। ପ୍ରାଥମିକ ପର୍ଯ୍ୟାୟରେ ଗୋଟିଏ ଥାନାର ଜବତ ଗାଡିଗୁଡିକର ନିଲାମ ହେବ। କ୍ରମାନ୍ୱୟରେ ସମସ୍ତ ଥାନାର ଜବତ ଗାଡି ନିଲାମ ହେବ ବୋଲି ଡିସିପି ଦାଶ ସୂଚନା ଦେଇଛନ୍ତି।



ଏୟାରଫିଲ୍ଡ ଥାନା ପରିସରରେ ଥିବା ଜବତ ବସ୍, କାର୍ ଓ ଅନ୍ୟ ଗାଡ଼ି।



ମଞ୍ଚେଶ୍ୱର ଥାନା ପରିସରରେ ପଡ଼ି ରହି ନଷ୍ଟ ହୋଇଥିବା ବାଇକ୍।

- ■ମାସକ ମଧରେ ନିଲାମ ପ୍ରକ୍ରିୟା ଆରମ୍ଭ ହେବ : ଡିସିପି
- ■ଡାଟାବେସ ପ୍ରସ୍ତୁତ କରୁଛନ୍ତି ଅତିରିକ୍ତ ଡିସିପି

### ହାଇକୋର୍ଟଙ୍କ ନିର୍ଦ୍ଦେଶ କ'ଣ ରହିଛି

ଜବତ ଗାଡିଗୁଡିକ ଦୀର୍ଘ ସମୟଧରି ଥାନାରେ ରଖାଯିବା ଉଚିତ ନୁହେଁ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଉପଯୁକ୍ତ ବଣ୍ଡ୍ ଗ୍ୟାରେଣ୍ଟି କିମ୍ବା ସୁରକ୍ଷା ନେବାପରେ ମାଜିଷ୍ଟ୍ରେଟଙ୍କ ମାଧ୍ୟମରେ ସେଗୁଡିକ ମାଲିକଙ୍କ ନିକଟକୁ ଫେରସ୍ତ କରାଯାଇପାରିବ। ଯେଉଁ ଗାଡିଗୁଡିକ ନେବାକୁ ମାଲିକ ଦାବି କରନ୍ତି ନାହିଁ, ବୀମା କମ୍ପାନୀକୁ ସେହି ଗାଡିର ମାଲିକାନା ନେବାକୁ କୋର୍ଟ ଅନୁମତି ଦେଇପାରିବେ। ସେହିପରି ଯେଉଁ ଗାଡିଗୁଡିକର ମାଲିକ ବା ବୀମା କମ୍ପାନୀଙ୍କ ଦାବି ନ ଥାଏ, ସେହି ଗାଡିଗୁଡିକ କୋର୍ଟଙ୍କ ଦ୍ୱାରା ନିଲାମ କରିବାକୁ ନିର୍ଦ୍ଦେଶ ଦିଆଯାଇପାରିବ। ଚୋରି ଗାଡି ହେଉ ଅବା କୌଣସି କାରଣରୁ ଗାଡି ଜବତ ହେଲେ, ତାହାର ଯତ୍ନ ନିଆଯାଏ ନାହିଁ। ଫଳରେ ଖରା, ବର୍ଷା ଓ ବାହ୍ୟ ବିପଦ ସଂସ୍ପର୍ଶରେ ଆସି ଗାଡିଗୁଡ଼ିକ ନଷ୍ଟ ହୋଇଥାଏ। ତେଣୁ ଜବତ ଗାଡିକୁ ମୁକ୍ତ କରିବାକୁ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ।

# ଚକା ଫାଟି ବସ୍ତିକୁ ମାଡ଼ିଗଲା ଟ୍ରକ



ଭାରସାମ୍ୟ ହରାଇ ଓଲଟି ପଡିଥିବା ଟ୍ରକ୍।

ଭୁବନେଶ୍ୱର,୧୨।୩(ବ୍ୟୁରୋ)

### ଅଳ୍ପକେ ଟଳିଗଲା ବଡ଼ ବିପଦ

ସତ୍‌ସଙ୍ଗ ବିହାର ନିକଟରେ ଶୁକ୍ରବାର ଭୋରୁ ଏକ ମୋରମ ବୋଝେଇ ଟ୍ରକର ଚକା ଫାଟିଯିବାରୁ ନିୟନ୍ତ୍ରଣ ହରାଇ ତାରିଣୀ ବସ୍ତି ଭିତରକୁ ମାଡିଯାଇଥିଲା। ଟ୍ରକଟି ଓଲଟି ପଡିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ବସ୍ତି ବାସିନ୍ଦା। ଫଳରେ ଅଳ୍ପକେ ବଡ଼ ବିପଦ ଟଳିଯାଇଛି। ସୂଚନାଯୋଗ୍ୟ, ମୋରମ ବୋଝେଇ ଟ୍ରକଟି ଶୁକ୍ରବାର ସତ୍‌ସଙ୍ଗ ବିହାରପଟୁ ଆସୁଥିବାବେଳେ ହଠାତ୍ ଗାଡ଼ିର ଚକ ଫାଟିଯାଇଥିଲା। ଡ୍ରାଇଭର ନିୟନ୍ତ୍ରଣ ହରାଇ ନିକଟସ୍ଥ ବସ୍ତି ଭିତରକୁ ପଶିଯାଇ ଓଲଟି ପଡ଼ିଥିଲା। ତେବେ ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲ୍ପର ଫେରାର ହୋଇଯାଇଥିଲେ। ତେବେ ଟ୍ରକଟି ଯଦି ଆଉ ୧୦ ମିଟର ଆଗକୁ ଯାଇଥାନ୍ତା ତେବେ ବସ୍ତିରେ ଥିବା ଚାଳ ଛପର ଘର ଉପରେ ଟ୍ରକଟି ଚଢିଯାଇଥାନ୍ତା। ଯାହାକି ଧନଜୀବନ କ୍ଷୟକ୍ଷତିର ସମ୍ଭାବନା ଟଳିଯାଇଛି। ଅନ୍ୟପଟେ ରସୁଲଗଡ଼ ଛକରେ ମଧ ଅନ୍ୟ ଗୋଟିଏ ଟ୍ରକ ଭାରସାମ୍ୟ ହରାଇ ଓଲଟିପଡ଼ିଥିବା ବେଳେ କୌଣସି କ୍ଷୟକ୍ଷତି ହୋଇନାହିଁ। ଶହୀଦନଗର ଓ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ୨ଟି ଟ୍ରକକୁ କ୍ରେନ ସାହଯ୍ୟରେ ଉଦ୍ଧାର କରି ଥାନାରେ ଅଟକ ରଖିଛନ୍ତି। ୨ଟି ବଡ ଦୁର୍ଘଟଣା ଘଟିଥିଲେ ମଧ କୌଣସି ଜୀବନ ହାନୀ ଘଟିନାହିଁ।

# ରାସ୍ତା ମରାମତି କଲେ ଗ୍ରାମବାସୀ

ବାରଙ୍ଗ,୧୨।୩(ଡି.ଏନ୍.ଏ.)

ବାରଙ୍ଗ ବ୍ଲକ ଅନ୍ତର୍ଗତ ଗୁଆକୋଳିମୁଣ୍ଡିଆ ଭୋଇସାହି ଗ୍ରାମର ମୁଖ୍ୟରାସ୍ତାଟି ଦୀର୍ଘଦିନ ହେବ ଦୟନୀୟ ହୋଇପଡ଼ିଥିଲା। ଏ ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ ମଧ କୌଣସି ସମାଧାନ ହୋଇ ନ ଥିଲା। ଫଳରେ ବାଧହୋଇ ଗ୍ରାମବାସୀ ଶୁକ୍ରବାର ନିଜ ଉଦ୍ୟମରେ ରାସ୍ତାର ମରାମତି କରିଛନ୍ତି। ସୂଚନାଯୋଗ୍ୟ, ରାମଦାସପୁର ପଞ୍ଚାୟତର ଗୁଆକୋଳିମୁଣ୍ଡିଆ ଭୋଇସାହି ଗ୍ରାମ ରାସ୍ତାରେ ଗୋଡ଼ି ଉଠି ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ତ୍ରିଶୂଳିଆ ବାଙ୍କୀ ମୁଖ୍ୟ ରାସ୍ତାର ହାଡ଼ବାଇ ଛକଠାରୁ ଅଙ୍ଗନୱାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର ହେବ ଗ୍ରାମକୁ ସଂଯୋଗ କରିଥିବା ମୁଖ୍ୟରାସ୍ତା ବଡ଼ବଡ଼ ଖାଲଖମାରେ ପରିପୂର୍ଣ୍ଣ ହୋଇ ଯାଇଥିଲା। ଫଳରେ ଯାତାୟାତରେ ଗ୍ରାମବାସୀଙ୍କ ପାଇଁ ବାଧକ ସାଜିବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ଏ ସମ୍ପର୍କରେ ଗ୍ରାମବାସୀ ଲୋକ ପ୍ରତିନିଧିମାନଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିବାବେଳେ କେବଳ ଆଶ୍ୱାସନା ମିଳିଥିଲା। ଏହି ଗ୍ରାମର ପ୍ରାୟତଃ ସବୁ ଦିନମଜୁରିଆ ହୋଇଥିବାବେଳେ ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଉ ନ ଥିବା କହି ଅସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ଗ୍ରାମବାସୀ କ୍ଷୋଭ କରିବା ସହ ନିଜ ଉଦ୍ୟମରେ ରାସ୍ତା ମରାମତି କରିବାକୁ ନିଷ୍ପତ୍ତି କରିଥିଲେ। ଶୁକ୍ରବାର ଗ୍ରାମବାସୀ ଏକାଠି ହୋଇ ନିଜ କାମ ବନ୍ଦ କରି ଖାଲଖମା ସ୍ଥାନରେ ମାଟି ପକାଇ ସମତଳ କରିବା ସହ ପାଣି ପକାଇଥିବାର ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ଏଭଳି କାର୍ଯ୍ୟକୁ ନେଇ ବାରଙ୍ଗ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।



ଗ୍ରାମବାସୀଙ୍କ ଦ୍ୱାରା ମରାମତି ହୋଇଥିବା ରାସ୍ତା।



ପୁରୀ ବେଳାଭୂମିରେ ଶୁକ୍ରବାର ଅପରାହ୍ନରେ ପିଲାମାନେ ଭଲିବଲ ଖେଳୁଛନ୍ତି।

# ଉଦୟନାଥଙ୍କ ମନ୍ଦିରର ଶିଳାନ୍ୟାସ କଲେ ବିଧାୟକ

ବାରଙ୍ଗ,୧୨।୩(ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ପଞ୍ଚାୟତର ସୁନ୍ଦରପୁରର ଉଦୟନଗରରେ ହେବାକୁ ଯାଉଥିବା ଉଦୟନାଥଙ୍କ ମନ୍ଦିର ନିର୍ମାଣ ପାଇଁ ମହାଶିବରାତ୍ରିଦିନ ଶିଳାନ୍ୟାସ କରାଯାଇଛି। ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ଦିରର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଆସନ୍ତାବର୍ଷ ଜାଗର ପୂର୍ବରୁ ମନ୍ଦିର କାର୍ଯ୍ୟ ସମ୍ପନ୍ନ, ଉଦୟନଗରର ସମସ୍ତ ରାସ୍ତାକୁ କଂକ୍ରିଟ କରିବା, ସମସ୍ତ ବିଦ୍ୟୁତ୍‌ଖୁଣ୍ଟରେ ଷ୍ଟ୍ରିଟ୍‌ଲାଇଟ ଲଗାଇବାକୁ ନେଇ ଉଦୟନଗରବାସୀନ୍ଦା ବିଧାୟକଙ୍କ ନିକଟରେ ଦାବି କରିଥିଲେ। ଏ ନେଇ ବିଧାୟକ ଗ୍ରାମବାସୀଙ୍କ ଦାବି ପ୍ରତି ଗୁରୁତ୍ୱ ଦେଇ ଖୁବଶୀଘ୍ର କାର୍ଯ୍ୟ ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ପ୍ରେମିକାଙ୍କୁ ପାଇବା ପାଇଁ ଥାନାରେ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

- ■ଯୁବକଙ୍କ ଉନ୍ମତ୍ତ କାଣ୍ଡ, ଗିରଫ କଲା ପୋଲିସ

ମୁଁ ତାଙ୍କୁ ଜୀବନଠାରୁ ବି ଅଧିକ ଭଲ ପାଉଛି। ହେଲେ ତାଙ୍କ ପରିବାର ଲୋକେ ତାଙ୍କୁ ରାଜସ୍ଥାନରେ ଲୁଚାଇ ରଖିଛନ୍ତି। ତମେ ତାଙ୍କୁ ଫେରାଇ ଆଣି ମୋତେ ଦିଅ। ଏମିତି କହି ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକ ନୟାପଲ୍ଲୀ ଥାନାରେ ପହଞ୍ଚି ଥିଲେ। ପୋଲିସ ଘଟଣା ବୁଝିବାରୁ ଯୁବକ ଜଣଙ୍କ ଜଣେ ନାବାଳିକାଙ୍କୁ ପ୍ରେମ କରୁଥିବା ଜାଣିବାକୁ ପାଇଥିଲେ। ଝିଅ ନାବାଳିକା ଥିବାରୁ ପୋଲିସ କିଛି କରିପାରିବ ନାହିଁ ବୋଲି ଥାନା ପକ୍ଷରୁ କୁହାଯାଇଥିଲା। ହେଲେ ଯୁବକ ଜଣକ ପ୍ରେମିକାଙ୍କୁ ଆଣିଦେବାକୁ ଜିଦ୍‌ଧରିଥିଲେ। ପୋଲିସ ମନାକରିବାରୁ ସେ ବାହାରକୁ ଯାଇ ଏକ ବୋତଲରେ ପେଟ୍ରୋଲ କିଣି ଥାନାକୁ ଫେରିଥିଲେ। ଥାନା ସାମ୍ନାରେ ନିଜ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଯୁବକଙ୍କ ଏପରି ଉନ୍ମତ୍ତକାଣ୍ଡ ଦେଖି ପୋଲିସ ତୁରନ୍ତ ତାଙ୍କୁ କାବୁ କରିଥିଲା। ଏହି ସମୟରେ ଯୁବକ ଜଣଙ୍କ ପୋଲିସକୁ ଗାଲିଗୁଲଜ କରିଥିଲେ। ପୋଲିସ ଅଭିଯୁକ୍ତ ବିଫଳ ପ୍ରେମିକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେହେଲେ ଗଞ୍ଜାମ ଦିଗପହଣ୍ଡି ଅଞ୍ଚଳର ଅଜୟ ଦୋରା(୨୦)। ସୂଚନା ଅନୁଯାୟୀ, ଅଜୟ ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଣପତି ବସ୍ତିରେ ରହି ରଙ୍ଗମିସ୍ତ୍ରି ଭାବେ କାମ କରୁଥିଲେ। ଅଜୟ ସେହି ବସ୍ତିର ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିଲେ। ଅଜୟ ପୂର୍ବରୁ ପ୍ରେମିକାଙ୍କ ଘରକୁ ଯାଇ ଅନେକଥର ବିଭ୍ରାଟ ସୃଷ୍ଟି କରୁଥିଲେ। କିଛିଦିନ ତଳେ ନାବାଳିକା ଜଣକ ରାଜସ୍ଥାନ ଚାଲିଯାଇଥିଲେ। ପ୍ରେମିକାଙ୍କୁ ନ ପାଇ ଅଜୟ ଥାନାରେ ଅଭିଯୋଗ କରିବା ସହ ରାଜସ୍ଥାନରୁ ଆଣିବା ପାଇଁ ଜିଦ୍ ଧରିଥିଲେ।

### ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତାଙ୍କୁ ଜିଏମ୍‌ୟୁର ଅଭିନନ୍ଦନ

**ଭୁବନେଶ୍ୱର, ୧୨।୩ (ବ୍ୟୁରୋ):** 'ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର' ପାଇବାକୁ ମନୋନୀତ ହୋଇଥିବା ପ୍ରାବନ୍ଧିକ ଡିଏସ୍‌ପି ଚନ୍ଦ୍ରଶେଖର ହୋତାଙ୍କୁ ଗଙ୍ଗାଧର ମେହେର ୟୁନିଭର୍ସିଟି (ଜିଏମ୍‌ୟୁ) ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସେ ଏହି ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ପିଏଚ୍‌ଡି କରିଥିଲେ। ତାଙ୍କର ଏହି ସଫଳତା ବିଶ୍ୱବିଦ୍ୟାଳୟର ଅନ୍ୟ ଛାତ୍ରୀଛାତ୍ରଙ୍କ ପ୍ରତି ପ୍ରେରଣାଦାୟୀ ହେବ ବୋଲି ଜିଏମ୍‌ୟୁ ପକ୍ଷରୁ କୁହାଯାଇଛି।



କରୋନା ମହାମାରୀ ପାଇଁ ଦୀର୍ଘଦିନ ହେବ ବନ୍ଦ ପଡ଼ିଥିବା ଦୋଳି ଓ ମୀନାବଜାରକୁ ଅନୁମତି ଦାବିରେ ଦୋଳି ମୀନାବଜାର ମହାସଂଘ କଟକ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ଅଭିନବ ଧାରଣା ଦିଆଯାଇଛି।

# ଚିକିତ୍ସା ଅବହେଳାରୁ ନବଜାତ ଶିଶୁଙ୍କ ମୃତ୍ୟୁ

ବାଙ୍କୀ,୧୨।୩(ସ୍ୱ.ପ୍ର.)

- ■ମୃତଦେହ ରଖି ପରିବାର ଲୋକଙ୍କ ରାସ୍ତାରୋକୋ
- ■ଥାନାରେ ମାମଲା ରୁଜୁ

ବାଙ୍କୀ ଥାନା ଅନ୍ତର୍ଗତ ଦୁର୍ଗା ଟକିଜ ନିକଟ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସା ଅବହେଳା ଯୋଗୁ ନବଜାତ ଶିଶୁଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ପରିବାର ଲୋକେ ସମ୍ପୃକ୍ତ ନର୍ସିଂହୋମ ସମ୍ମୁଖ ବାଙ୍କୀ–ଖୋର୍ଦ୍ଧା ରାସ୍ତାକୁ ଅବରୋଧ କରିଥିଲେ। ସେଠାରେ ଶିଶୁର ମୃତଦେହ ରଖି ଧାରଣା ଦେଇଥିଲେ।

ଏଥିସହ ମୃତ ଶିଶୁଙ୍କ ପିତା ବ୍ଲକ ଅନ୍ତର୍ଗତ କିଆପଲା ପଞ୍ଚାୟତର ବିକାଶ କୁମାର ବାରିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ.୫୮/୨୧) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ବିକାଶ ସ୍ତ୍ରୀଙ୍କ ପ୍ରସୂତି ନିମନ୍ତେ ମଙ୍ଗଳବାର ବାଙ୍କୀ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ପ୍ରସୂତି ନିମନ୍ତେ କୌଣସି ସୁବିଧା ନ ଥିବା କହିଥିଲେ। ଏହାପରେ ସେ ସ୍ତ୍ରୀଙ୍କୁ ନେଇ ଉକ୍ତ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ମାତ୍ର ଗୁରୁବାର ନବଜାତ ଶିଶୁଟି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ତାକୁ ତୁରନ୍ତ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଛି। ଜନ୍ମପରେ ଶିଶୁ ପ୍ରତି ଅବହେଳା କରାଯାଇଥିବା ଅଭିଯୋଗ କରି ନର୍ସିଂହୋମ ବିରୋଧରେ ପରିବାର ସଦସ୍ୟ କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣା ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଥାନା ଏସ୍.ଆଇ ସୂର୍ଯ୍ୟାଂଶୁ ପାଢ଼ୀ କହିଛନ୍ତି।



ମୃତ ଶିଶୁଙ୍କ ପରିବାର ସଦସ୍ୟ ବାଙ୍କୀ–ଖୋର୍ଦ୍ଧା ରାସ୍ତା ଅବରୋଧ କରିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିଏସ୍ଏଫ ପକ୍ଷରୁ ଏକ ଭାରତ ଶ୍ରେଷ୍ଠ ଭାରତ ସାଇକ୍ଲୋଥନ, ବିଏସ୍ଏଫ୍ ହେଡକ୍ୱାର୍ଟର, ଗଜପତି ନଗର, ସକାଳ ୬ଟା।
- .ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ସମ୍ମିଳନୀ, ମେ ଫେୟାର କନଭେନଶନ, ସକାଳ ୯ଟା ୩୦।
- ରାଷ୍ଟ୍ରୀୟ ମଜଦୁର ସଂଘ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ରମାନୁଜମ୍ କନଭେନଶନ ହଲ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।
- ସତ୍ୟ ନଗର ଲେଡିଜ୍ ଫୋରମ ପକ୍ଷରୁ ଅଭିରୁଚି ସମ୍ମାନ, ଗୀତା ଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଗଳ୍ପ କଥାର ବାର୍ଷିକ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଅସୀମ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

**କଟକ**
- ଇଭେଣ୍ଟ ମ୍ୟାନେଜମେଣ୍ଟ ଆସୋସିଏଶନ ଅଫ ଓଡ଼ିଶା ପକ୍ଷରୁ ଦିବାରାତ୍ର ଏଣ୍ଟରଟେନର୍ସ କ୍ରିକେଟ ଲିଗ୍, ନିମପୁର ଖେଳପଡ଼ିଆ, ଜଗତପୁର, ଅପରାହ୍ନ ୨ଟା ୩୦।

**ପୁରୀ**
- ବଡ଼ଦାଣ୍ଡ ସେବା, ପୁରୀ, ସକାଳ ୬ଟା ୩୦।
- ଜିଲାସ୍ତରୀୟ କୁସ୍ତି ଚୟନ ଶିବିର, ସି-ବିଚ୍ କ୍ଲବ୍ ପରିସର, ସକାଳ ୯ଟା।
- ସୁପ୍ରଭା ଅନୁଷ୍ଠାନର ଷଷ୍ଠ ବାର୍ଷିକ ଉତ୍ସବ, ୟୁଥ୍ ହଷ୍ଟେଲ ପରିସର, ପୂର୍ବାହ୍ନ ୧୦ଟା।
- ଦିବାରାତ୍ର ଭଲିବଲ ପ୍ରତିଯୋଗିତା, ସୁନ୍ଦରଜାଗା କଲ୍ୟାଣ ମଣ୍ଡପ, ସନ୍ଧ୍ୟା ୫ଟା।

# ରାସ୍ତାରେ ଦୁର୍ଘଟଣାଗ୍ରସ୍ତଙ୍କ ସେବା କଲେ

**ଟ୍ରାଫିକ କନେଷ୍ଟବଲଙ୍କ ମାନବିକତା**



ଭୁବନେଶ୍ୱର, ୧୨।୩(ବ୍ୟୁରୋ)

ପୋଲିସ୍ କେବଳ ଟ୍ରାଫିକ ପରିଚାଳନା କିମ୍ବା ଆଇନଶୃଙ୍ଖଳା ରକ୍ଷା କରି ନ ଥାଏ, ବରଂ ବିପଦ ସମୟରେ ବନ୍ଧୁ ପାଲଟିଥାଏ। ଗୁରୁବାର ଭୁବନେଶ୍ୱର ଶିଶୁ ଭବନ ଛକରେ କାର୍ଯ୍ୟରତ ଜଣେ ଟ୍ରାଫିକ କନଷ୍ଟେବଲ ଜଣେ ଦୁର୍ଘଟଣାଗ୍ରସ୍ତ ବରିଷ୍ଠ ନାଗରିକଙ୍କ ସେବା କରି ମହାନ ମାନବିକତା ଦେଖାଇଛନ୍ତି। ଦିନ ପ୍ରାୟ ୧୨ଟା ୫୦ ହେବ। ବାପୁଜୀ ନଗରର ଜଣେ ବରିଷ୍ଠ ନାଗରିକ ଏସ୍.ଏନ୍. ଷଡଙ୍ଗୀ(୬୮) ସ୍କୁଟିରେ ଶିଶୁଭବନ ଟ୍ରାଫିକ ଛକ ଦେଇ ପୁରୁଣା ଭୁବନେଶ୍ୱର ଯାଉଥିଲେ। ଟ୍ରାଫିକ ସିଗ୍ନାଲ ଲାଲ୍ ଜଳିବାରୁ ସେ ଗାଡି ରୋକିବାକୁ ପଛ ବ୍ରେକ ବଦଳରେ ଆଗ ବ୍ରେକ ଚାପି ଦେଇଥିଲେ। ଫଳରେ ଗାଡି ସହ ଷଡ଼ଙ୍ଗୀ ତଳେ ପଡିଯାଇଥିଲେ। ଏହାଦେଖି ଟ୍ରାଫିକ ପୋଷ୍ଟରେ କାର୍ଯ୍ୟରତ କନେଷ୍ଟବଲ ବିକାଶ ସାହୁ ତୁରନ୍ତ ଅନ୍ୟ ପାର୍ଶ୍ୱରୁ ଆସୁଥିବା ଗାଡ଼ିକୁ ଅଟକାଇବା ସହ ଦୌଡି ଆସି ଷଡଙ୍ଗୀଙ୍କୁ ଉଠାଇ ରାସ୍ତାପାର୍ଶ୍ୱକୁ ନେଇ ବସାଇଥିଲେ। ପ୍ରଥମେ ପାଣି ପିଇବାକୁ ଦେବା ସହ ପ୍ରାଥମିକ ଚିକିତ୍ସା କରିଥିଲେ। ପ୍ରଥମେ ପାଦ, ଆଣ୍ଠୁରେ ହୋଇଥିବା କ୍ଷତ ସ୍ଥାନକୁ ପାଣିରେ ଭଲଭାବେ ଧୋଇବା ପରେ ଫାଷ୍ଟଏଡ୍ ଚିକିତ୍ସା କରିଥିଲେ। ଶୃଙ୍ଖଳା କପଡାରେ ଭଲଭାବେ ପୋଛି ସ୍ପିରିଟ ଓ ମଲମ ଲଗାଇବାପରେ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ। ସେଠାରୁ ଯାଇ ପୁଣି ଟ୍ରାଫିକ ପୋଷ୍ଟରେ ନିଜର ଦାୟିତ୍ୱ ନିଭାଇଥିଲେ। ସେଠାରେ ଉପସ୍ଥିତ ଲୋକେ ବିକାଶଙ୍କ ଏଭଳି ସେବା ମନୋଭାବକୁ ପ୍ରଶଂସା କରିଥିଲେ। ସାଧାରଣତଃ ପୋଲିସ ପ୍ରତି ଲୋକଙ୍କର ଭିନ୍ନ ଧାରଣା ରହୁଥିବାବେଳେ ବିକାଶଙ୍କ ଏଭଳି ସେବାକାର୍ଯ୍ୟ ନିଶ୍ଚିତ ଏକ ନିଆରା ଉଦାହରଣ।

## ସଂକ୍ଷେପରେ

### ଡାକ୍ତରଙ୍କ ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର,୧୨।୩(ବ୍ୟୁରୋ): ଡାକ୍ତରଙ୍କ ଅବହେଳା ପାଇଁ ଜଣେ ମହିଳାଙ୍କ ଶୁକ୍ରବାର ମୃତ୍ୟୁ ହୋଇଥିବା ନେଇ ମୃତାଙ୍କ ସ୍ୱାମୀ ମନୋଜ ରାଉତ ଶହୀଦନଗର ଥାନାରେ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳର ମନୋଜ ସ୍ତ୍ରୀର ବ୍ରେଷ୍ଟ ଅପରେଶନ ପାଇଁ ଶୁକ୍ରବାର ଶହୀଦନଗରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଶିବରାତ୍ରିରେ ସ୍ତ୍ରୀ ଉପବାସ କରିଥିବାରୁ କିଛି ଖାଇ ନ ଥିବା ଡାକ୍ତରଙ୍କୁ କହିଥିଲେ। କିନ୍ତୁ ସେଠାରେ ଥିବା ଡାକ୍ତରମାନେ ତାଙ୍କୁ ସାଢେ ୯ଟାରୁ ଅପରେଶନ ଥିଏଟରକୁ ନେବାକୁ କହି ସାଢ଼େ ୧୨ଟାରେ ଓଟିକୁ ନେଇଥିଲେ। ଓଟିକୁ ନେବା ସମୟରେ ମନୋଜଙ୍କୁ ନ ଜଣାଇବା ସହ ପରେ ପଚାରିବାରୁ ଅପରେଶନ ଚାଲିଥିବା ହସ୍ପିଟାଲ କର୍ମଚାରୀମାନେ କହିଥିଲେ। କିନ୍ତୁ ସାଢେ ୩ଟା ସମୟରେ ହଠାତ୍ ଜଣାଇଥିଲେ ଆପଣଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ମନୋଜ ଓଟି ଭିତରକୁ ଯାଇ ଦେଖିବାବେଳେ ସେଠାରେ କୌଣସି ଅପରେଶନ ହୋଇଥିବା ଜଣାପଡ଼ି ନ ଥିଲା। ଏ ନେଇ ସେ ରିପୋର୍ଟ ମାଗିଲେ ମଧ ଦୀର୍ଘ ୨ ଘଣ୍ଟା ଯାଏଁ ହସ୍ପିଟଲ କର୍ତ୍ତୃପକ୍ଷ କୌଣସି ରିପୋର୍ଟ ଦେଇ ନ ଥିଲେ। ଏହାକୁ ନେଇ ମନୋଜଙ୍କ ସନ୍ଦେହ ହେବା ସହ ଡାକ୍ତରଙ୍କ ଅବହେଳା ଯୋଗୁ ସ୍ତ୍ରୀର ମୃତ୍ୟୁ ହୋଇଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ମନୋଜଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ୧୫ ଲକ୍ଷ ଟଙ୍କାର ଚେକ ବାଉନ୍ସ

**ଖାଲି ହାତରେ ଫେରିଲା ଚଣ୍ଡିଗଡ଼ ପୋଲିସ**

ଭୁବନେଶ୍ୱର,୧୨।୩(ବ୍ୟୁରୋ): ୧୫ ଲକ୍ଷ ଟଙ୍କାର ଚେକ ବାଉନ୍ସ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓଡ଼ିଶା ଆସିଥିଲା ଚଣ୍ଡିଗଡ଼ ପୋଲିସ। ତେବେ ଗିରଫ କରିବା ପାଇଁ ସାଥିରେ ୱାରେଣ୍ଟ ପେପର ଆଣି ନ ଥିବାରୁ ଚଣ୍ଡିଗଡ଼ ପୋଲିସକୁ ଖାଲି ହାତରେ ନିଜ ରାଜ୍ୟକୁ ଫେରିବାକୁ ପଡ଼ିଛି। ସୂଚନା ଅନୁଯାୟୀ, କଟକର ସଞ୍ଜୀବ ଅଗ୍ରୱାଲା ନାମକ ଜଣେ ମେଡିସିନ୍ ବ୍ୟବସାୟୀ ଚଣ୍ଡିଗଡ଼ର ଏକ କମ୍ପାନୀରୁ ପ୍ରାୟ ୧୫ଲକ୍ଷ ଟଙ୍କାର ମେଡିସିନ କିଣି ତାଙ୍କୁ ଏକ ଚେକ୍ ପ୍ରଦାନ କରିଥିଲେ। କିନ୍ତୁ ଉକ୍ତ ଚେକ୍‌ଟି ପର ମୁହୂର୍ତ୍ତରେ ବାଉନ୍ସ ହୋଇଯାଇଥିଲା। ଫଳରେ ଚଣ୍ଡିଗଡ଼ର ମେଡିସିନ କମ୍ପାନୀ ଚେକ୍ ବାଉନ୍ସ ନେଇ ଥାନାରେ ମାମଲା ରୁଜୁ କରିଥିଲେ। ମାମଲାକ୍ରମେ ଚଣ୍ଡିଗଡ ପୋଲିସ ଗତ ୩ ଦିନ ପୂର୍ବେ କଟକ ଆସିଥିଲା। ସେଠାରେ କଟକ ପୋଲିସ ସହାୟତାରେ ପୁରୀଘାଟ ଥାନା ଅଞ୍ଚଳରେ ରହୁଥିବା ସଞ୍ଜୀବଙ୍କ ନିକଟରେ ପହଞ୍ଚିଥିଲା ଚଣ୍ଡିଗଡ଼ ପୋଲିସ। ତେବେ କୌଶଳକ୍ରମେ ସଞ୍ଜୀବ ସେଠାରୁ ଖସିଆସି ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ହୋଟେଲ୍‌ରେ ଲୁଚିଥିଲେ। ପରେ ଚଣ୍ଡିଗଡ଼ ପୋଲିସ ତାଙ୍କ ମୋବାଇଲ ଟ୍ରାକ୍ କରି ସାଦା ପୋଷାକରେ ଆସି ହୋଟେଲରୁ ସଞ୍ଜୀବଙ୍କୁ ଉଠାଇ ନେବାକୁ ଚେଷ୍ଟା କରିଥିଲେ। ଏହାକୁ ନେଇ ଉକ୍ତ ହୋଟେଲ୍ କର୍ମଚାରୀ ସେମାନଙ୍କୁ ଅଟକାଇବା ସହ ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ସମସ୍ତଙ୍କୁ ଥାନାକୁ ଆଣିଥିଲା। ତେବେ ଚଣ୍ଡିଗଡ଼ ପୋଲିସ ସଞ୍ଜୀବଙ୍କୁ ଗିରଫ କରିବା ପାଇଁ ୱାରେଣ୍ଟ ଆଣି ନ ଥିବାରୁ ସ୍ଥାନୀୟ ପୋଲିସ ସଞ୍ଜୀବଙ୍କ ବ୍ୟକ୍ତିଗତ ଓକିଲ ହାତରେ ଲିଖିତ ପ୍ରତିଶ୍ରୁତି ରଖି ତାଙ୍କୁ ଛାଡିଦେଇଥିଲା। ଫଳରେ ଚଣ୍ଡିଗଡ ପୋଲିସକୁ ନିରାଶ ହୋଇ ଖାଲିହାତରେ ଫେରିବାକୁ ପଡ଼ିଥିଲା।

# ଚାଷୀଙ୍କୁ ଛାଡୁନି ଧାନ ବିକ୍ରି ଚିନ୍ତା

**ଜିଲାପାଳଙ୍କ ଦ୍ୱାରସ୍ଥ ୨ ବ୍ଲକର ଚାଷୀ**
- ମଣ୍ଡିରୁ ଉଠୁନି ଧାନ, ବଢୁଛି ଅସନ୍ତୋଷ
- ନକଲି ଚାଷୀଙ୍କଠାରୁ କିଣାଯାଇଛି ଧାନ
- ୬୮୯୨ଚାଷୀଙ୍କ ଠାରୁ କିଣାଯାଇନି ଧାନ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀମାନେ।

ଖୋର୍ଦ୍ଧା ଅଫିସ,୧୨।୩

ଖୋର୍ଦ୍ଧା ଜିଲାରେ ଚଳିତ ବର୍ଷ ଖରିଫ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଟୋକନ ପାଇ ସୁଦ୍ଧା ପଞ୍ଜୀକୃତ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିପାରୁ ନାହାନ୍ତି। ଟାର୍ଗେଟ ନ ଥିବା କହି ସମିତି ସମ୍ପାଦକ ଫେରାଇ ଦେଉଛନ୍ତି। ଫଳରେ ମଣ୍ଡିରେ ଚାଷୀଙ୍କ ଟନ୍ ଟନ୍ ଧାନ ପଡ଼ିରହିଛି। ଶୁକ୍ରବାର ବୋଲଗଡ଼ ବ୍ଲକର ଗର୍ଭଣିପଡ଼ା, ସଲତରା, ପିଚୁକୁଲି ଏବଂ ବେଗୁନିଆ ବ୍ଲକର ବଡ଼ବେରଣା, ପୋଢ଼ାଡିହ ଓ ଗଡମାଣିତ୍ରୀର ଶତାଧିକ ଚାଷୀ ଜିଲାପାଳ ଏବଂ ଯୋଗାଣ ଅଧିକାରୀଙ୍କୁ ଭେଟି ମଣ୍ଡିରୁ ଧାନ ଉଠାଇବା ଲାଗି ପୁଣି ଦାବି କରିଛନ୍ତି। ପ୍ରତିଶ୍ରୁତି ମିଳୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି କେତେଜଣ ଚାଷୀ ଗଣମାଧମ ଆଗରେ କହିଛନ୍ତି। ଫଳରେ ଧାନ ବିକ୍ରି ନେଇ ଚାଷୀଙ୍କୁ ଚିନ୍ତା ଘାରିବାରେ ଲାଗିଛି।

ପ୍ରକାଶ ଯେ, ଚଳିତ ଖରିଫ ଧାନ ସଂଗ୍ରହ ଲାଗି ଖୋର୍ଦ୍ଧା ଜିଲାରେ ୧୬ଲକ୍ଷ କୁଇଣ୍ଟାଲ ଟାର୍ଗେଟ ରହିଥିବା ବେଳେ ୪୪ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଶୁକ୍ରବାର ସୁଦ୍ଧା ୩୭,୧୦୮ ଚାଷୀଙ୍କ ଠାରୁ ୧୪ଲକ୍ଷ ୩ ହଜାର ୭୦୮କୁଇଣ୍ଟାଲ ଧାନ ସଂଗ୍ରହ ସରିଛି। ବିଗତ ବର୍ଷ ଅପେକ୍ଷା ଏହି ସମୟରେ ଅଧିକା ଧାନ କିଣାସରିଥିବା ଯୋଗାଣ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବଳକା ୬୮୯୨ ଚାଷୀଙ୍କଠାରୁ ୧ଲକ୍ଷ ୯୬ହଜାର ୨୯୨ କୁଇଣ୍ଟାଲ ଧାନ କିଣିବା ଲାଗି ବାକି ରହିଛି। ମାର୍ଚ୍ଚ ୩୧ ଧାନକିଣାର ଶେଷ ତାରିଖ ରହିଛି। ଏହା ପରେ ଚାଷୀଙ୍କ ଠାରୁ ଆଉ ଧାନକିଣାଯିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ଶତାଧିକ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ଏବେବି ମଣ୍ଡିରେ ଚାଷୀଙ୍କ ଧାନ ପଡ଼ିରହିଛି। ଅନ୍ୟପଟେ କେତେକ ସମିତିରେ ସମ୍ପାଦକ ଏବଂ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଧାନକିଣା ଚାଲିଛି। ତେବେ କାହାଠାରୁ ଧାନକିଣା ଯାଇଛି। ଟାର୍ଗେଟ କିପରି ସରିଲା, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚିଲିକା, ବାଣପୁର, ବୋଲଗଡ଼, ବେଗୁନିଆ, ଟାଙ୍ଗୀ, ଖୋର୍ଦ୍ଧା ଆଦି ଅଞ୍ଚଳର ଶତାଧିକ ଚାଷୀ ଅଭାବ ବିକ୍ରିର ସମ୍ମୁଖୀନ ହୋଇଛନ୍ତି। ବୋଲଗଡ ବ୍ଲକ ଅସରଳା ସମିତିରେ କେତେଜଣ ନକଲି ଚାଷୀଙ୍କଠାରୁ ଧାନ କିଣାଯାଇଥିବା ନେଇ ଅଭିଯୋଗ ଆସିଛି। ଜଣକଙ୍କ ନାମରେ ଆଉ ଜଣକ ଚାଷଜମି ଦର୍ଶାଇ ଧାନ ବିକ୍ରି କରାଯାଇଥିବା କେତେଜଣ ଚାଷୀ କହିଛନ୍ତି। ଏହାର ତଦନ୍ତ କରାଗଲେ, ବହୁ ଗୁମର ତଥ୍ୟ ପଦାକୁ ଆସିବ ବୋଲି ମତପ୍ରକାଶ ପାଇଛି।

**ଏମାନେ କ'ଣ କୁହନ୍ତି ...**

" ଚଳିତ ବର୍ଷ ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅନିୟମିତତା ହୋଇଛି। ଏନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଶୁକ୍ରବାର ଧାନକିଣାରେ ଅବ୍ୟବସ୍ଥା ନେଇ ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ ବିଧାନସଭାରେ ସାନିଟାଇଜର ପିଇବା ଲାଗି ଉଦ୍ୟମ କରିବା ଘଟଣା ସରକାରଙ୍କ ଅସଲ ମୁଖା ଖୋଲିଦେଇଛି।

**ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା କୃଷକ ନେତା**

" ଚଳିତ ବର୍ଷ ଖୋର୍ଦ୍ଧା ଜିଲାର ସମସ୍ତ ମଣ୍ଡିରେ ଅଚଳାବସ୍ଥା ଲାଗି ରହିଛି। ଜିଲାପାଳ ଏବଂ ଯୋଗାଣ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ ପଦକ୍ଷେପ ନିଆଯାଉ ନାହିଁ। ଧାନମଣ୍ଡିରେ ସ୍ୱଚ୍ଛତା ପ୍ରହସନରେ ପରିଣତ ହୋଇଛି।

**ସୁରେଶ ମାନସିଂ, ନବ ନିର୍ମାଣ କୃଷକ ସଂଗଠନ ନେତା**

" ଧାନକିଣାରେ ଅବ୍ୟବସ୍ଥା ନେଇ ଜିଲା କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ଚାଷୀଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଧାନକିଣାରେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ମଣ୍ଡିରେ ଧାନ ପଡି ରହିଛି। ତୁରନ୍ତ ଧାନ ଉଠାଇବା ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି।

**ଶିଶିର ପରିଡା, କଂଗ୍ରେସ ନେତା**

# ବିଲ୍ଡର କମ୍ପାନୀରେ ଜିଏସ୍‌ଟି ଚଢ଼ାଉ

- ଜାଲ୍ କାଗଜପତ୍ରରେ ଠକୁଥିଲେ
- ଭୁବନେଶ୍ୱର ସମେତ ୫ ସ୍ଥାନରେ ଚଢ଼ାଉ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

କୋଟି କୋଟି ଟଙ୍କାର ଜିଏସ୍‌ଟି ଠକେଇ ଅଭିଯୋଗରେ ରବି ଟକିଜ୍ ନିକଟସ୍ଥ ଡିଡି ବିଲ୍ଡର ନାମକ କମ୍ପାନୀରେ ଶୁକ୍ରବାର ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଉକ୍ତ କମ୍ପାନୀ ଜାଲ କାଗଜପତ୍ରରେ ବିଲ କରି ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜିଏସ୍‌ଟି କମିଶନର ମନ୍ମଥ ପ୍ରଧାନ କହିଛନ୍ତି। ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ଉକ୍ତ କମ୍ପାନୀର ମାଲିକ ବିଭିନ୍ନ ଡିଲରମାନଙ୍କ ନାମରେ ଜାଲ କାଗଜପତ୍ର ମାଧ୍ୟମରେ ବିଲ୍ କରି କୋଟି କୋଟି ଟଙ୍କା ଜିଏସଟି ଠକେଇ କରିଆସୁଥିବାର ଅଭିଯୋଗ ହୋଇଥିଲା।

ଏ ନେଇ ସୂଚନା ପାଇବା ପରେ ଗତ କିଛି ମାସ ହେବ ଜିଏସ୍‌ଟି ବିଭାଗ ଉକ୍ତ କମ୍ପାନୀ ଉପରେ ନଜର ରଖିଥିଲା। ତେବେ ସମସ୍ତ ତଥ୍ୟ ପ୍ରମାଣ ଯୋଗାଡ଼ କରିବା ପରେ ଶୁକ୍ରବାର ଜିଏସ୍‌ଟି ଟିମ ଅଚାନକ ଚଢ଼ାଉ କରିଥିଲା। ଜିଏସ୍‌ଟି ବିଭାଗର ଟିମ୍ ଉକ୍ତ କମ୍ପାନୀର ଭୁବନେଶ୍ୱର, ରାଉରକେଲା, ଭବାନୀପାଟଣା ଓ ଢେଙ୍କାନାଳ ସମେତ ୫ ସ୍ଥାନରେ ଚଢ଼ାଉ କରିଥିବା ଜିଏସ୍‌ଟି କମିଶନର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଜିଏସ୍‌ଟି ବିଭାଗର ୩୦ଜଣ ଅଫିସର ସାମିଲ ହୋଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଲୋକ



@ ବିଭୁ



@ ହିତାଂଶୁ



@ ସଂଗ୍ରାମ



@ ସୁଧା



@ ଜିତୁ



@ ବିଶ୍ୱମ୍ଭର

# ମନ୍ଦିର ଭଙ୍ଗାକୁ ବିରୋଧ, ଉତ୍ତେଜନା



**ପିଲିଗ୍ରୀମ୍ ରୋଡ୍‌ରେ ଉଚ୍ଛେଦ ଆରମ୍ଭ**

କଟକ ଅଫିସ, ୧୨।୩:

ଦୀର୍ଘ ୧୦ ଦିନର ବ୍ୟବଧାନ ପରେ ଶୁକ୍ରବାର କଟକ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପିଲିଗ୍ରୀମ ରୋଡରେ କଲେଜଛକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗେଟ୍ ନିକଟରୁ ମାଲଗୋଦାମ ଛକ ମଧ୍ୟରେ ଥିବା ୩ଟି ମନ୍ଦିରକୁ ଭାଙ୍ଗିଦିଆଯାଇଛି। ମନ୍ଦିର ଭଙ୍ଗାଯିବାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସକାଳ ୯ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଉଚ୍ଛେଦ ଚାଲିଥିଲା। ଏହି ସମୟରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, କଟକ ସଦର ତହସିଲଦାର ସମ୍ବିତ ଗଡନାୟକ, ସିଏମ୍‌ସି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ମୁଖ୍ୟ ତଥା ଡେପୁଟି କମିଶନର ଅବିନାଶ ରାଉତ, ସିଡିଏ ଜମି ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ଅତିରିକ୍ତ ଡିସିପି ତ୍ରିନାଥ ମିଶ୍ର, ପ୍ରମୋଦ କୁମାର ରଥ, ଏସିପି ଅମରେନ୍ଦ୍ର ପଣ୍ଡା, ଶୁଭନାରାୟଣ ମୁଦୁଲିଙ୍କ ସମେତ ଜଗତପୁର, ମାଲଗୋଦାମ, ବାଦାମବାଡ଼ି ଥାନା ଅଧିକାରୀ ଏବଂ ସିଏମ୍‌ସି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

### ମାଙ୍କଡ଼ କାମୁଡ଼ାରେ ୮ ଆହତ

ଗୋପ,୧୨।୩(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ବୟାଳିଶବାଟି ଗ୍ରାମରେ ଗୋଟିଏ ହନୁ ମାଙ୍କଡ଼ ଆତଙ୍କ ଖେଳାଇଛି। ଅଭିଯୋଗ ପରେ ବନ ବିଭାଗ ପକ୍ଷରୁ ମାଙ୍କଡକୁ ଧରିବା ପାଇଁ ୩ ଦିନ ହେବ ଗୋଟିଏ ଯନ୍ତା ବସାଇଥିଲେ ମଧ ଏପର୍ଯ୍ୟନ୍ତ କାବୁ କରାଯାଇପାରି ନାହିଁ। ମାଙ୍କଡ଼ କାମୁଡ଼ାରେ ଏବେ ସୁଦ୍ଧା ୮ ଜଣ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, କିଛିଦିନ ହେବ ଏରବଙ୍ଗ ପଞ୍ଚାୟତ ଅଞ୍ଚଳରେ ଏକ ମାଙ୍କଡ ଦଳ ଆସି ଫସଲ ନଷ୍ଟ କରୁଥିବା ବେଳେ ୮ଦିନ ହେବ ବୟାଳିଶବାଟି ଗ୍ରାମରେ ଗୋଟିଏ ହନୁ ମାଙ୍କଡ଼ ଆତଙ୍କ ସୃଷ୍ଟି କରିଛି। ଲୋକଙ୍କୁ କାମୁଡ଼ି ଦେଉଥିବାରୁ ଯାତାୟାତ କରିପାରୁ ନାହାନ୍ତି। ମାଙ୍କଡ଼ କାମୁଡ଼ାରେ ଗ୍ରାମର ଗୌରା ମୁଦୁଲି, ଉନି ସାହୁ, ତୋଫାନ ରାଉତରାୟଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ଗ୍ରାମର ଆଲୋକ ରାଉତରାୟଙ୍କ ଅଭିଯୋଗ ପରେ ବନ କର୍ମଚାରୀ ପହଞ୍ଚି ଯନ୍ତା ବସାଇବା ସହ ଗ୍ରାମବାସୀଙ୍କୁ ସତର୍କ ରହିବାକୁ କହିଥିଲେ।

**ଚାଷୀଙ୍କ ଅନଶନ ପ୍ରତ୍ୟାହୃତ**

ବୋଲଗଡ଼,(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଗର୍ଭଣିପଡ଼ା ସେବା ସମବାୟ ସମିତି ଧାନମଣ୍ଡିରେ ଚାଲିଥିବା ଆମରଣ ଅନଶନ ଶୁକ୍ରବାର ତୃତୀୟ ଦିନରେ ପ୍ରତ୍ୟାହୃତ ହୋଇଛି। ଅନଶନରେ ବସିଥିବା ଚାଷୀ ଲକ୍ଷ୍ମଣ ଭୋଳ ଓ ବଂଶୀଧର କହଲସିଂହଙ୍କୁ ସମିତି ସମ୍ପାଦକ ଦେବାଶିଷ ପରିଡା ଓ ବାଙ୍କୋଇ ଫାଣ୍ଡି ଅଧିକାରୀ କୁମର ମୁଦୁଲି ଥଣ୍ଡାପାନୀୟ ପିଆଇ ଅନଶନ ଭଙ୍ଗ କରାଇଥିଲେ। ଜିଲା ଯୋଗାଣ ଅଧିକାରୀ ଅନନ୍ତ ସ୍ୱାଇଁ ୧୦୦୦ କୁଇଣ୍ଟାଲ ଧାନ କିଣାଯିବା ପାଇଁ ଟାର୍ଗେଟ ଦେବା ପରେ ସମ୍ପାଦକ ପରିଡା ଚାଷୀଙ୍କୁ ଧାନ କ୍ରୟ ଲାଗି ଟୋକନ ବାଣ୍ଟିଥିଲେ। ମୋଟ୍ ୫୧୪ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ୧୧୦ ଚାଷୀ ଧାନ ବିକି ନ ପାରି ଅନଶନରେ ବସିଥିଲେ।

# ‘ସାହିତ୍ୟକୁ ଏକ ଅନ୍ୱେଷଣ ଭାବେ ଗ୍ରହଣ କରିବା ଆବଶ୍ୟକ’

ଓଡ଼ିଆ ଭାଷା ସାହିତ୍ୟକୁ ସ୍ୱତନ୍ତ୍ର ଅବଦାନ ଦେଇଛନ୍ତି ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା। ୧୯୮୫ ଜୁଲାଇ ୧ରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଗୁରୁଜିଭଟା ଗ୍ରାମରେ ଜନ୍ମଗ୍ରହଣ କରିଥିବା ହୋତାଙ୍କ ବହୁ ପ୍ରବନ୍ଧ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ‘କଳ୍ପନା, ଅନୁଭବ ଓ ସାହିତ୍ୟ’, ‘ଷଡଜ’, ‘ଗାନ୍ଧୀ କବିତା’, ‘କୋଣାର୍କ ପତ୍ରିକାର ନିର୍ବାଚିତ ପ୍ରବନ୍ଧ’ ହେଉଛି ତାଙ୍କର ଅନବଦ୍ୟ କୃତି ମଧ୍ୟରୁ ଅନ୍ୟତମ। ଜଣେ ବିଶିଷ୍ଟ ସାରସ୍ୱତ ସାଧକ ଭାବେ ‘ଗୋକର୍ଣ୍ଣିକା ପ୍ରବନ୍ଧ ସମ୍ମାନ’, ‘ସାରସ୍ୱତ ସମ୍ମାନ’, ‘ମହୁରି ସମ୍ମାନ’ ଭଳି ଅନେକ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ପିଲାଟିବେଳୁ ସାହିତ୍ୟ ପ୍ରତି ରୁଚି ରଖିଥିବା ଚନ୍ଦ୍ରଶେଖର ପେସାରେ ଜଣେ ପୋଲିସ ଅଧିକାରୀ। ବର୍ତ୍ତମାନ ସେ ନବରଙ୍ଗପୁର ଡିଏସ୍‌ପି ଅଛନ୍ତି। ତେବେ ‘ଚେତନାର ଅନ୍ୱେଷଣ’ ପ୍ରବନ୍ଧ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀର ସମ୍ମାନଜନକ ‘ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର’ ପାଇବାକୁ ମନୋନୀତ ହୋଇଥିବାରୁ ତାଙ୍କ ସହ ‘ଧରିତ୍ରୀ’ର ସ୍ୱତନ୍ତ୍ର ଆଳାପ।


ଚନ୍ଦ୍ରଶେଖର ହୋତା

**●ପୁରସ୍କାର ସମ୍ପର୍କରେ ଜାଣିବା ପରେ କେମିତି ଲାଗୁଛି?**

ବହୁତ ଖୁସି ଲାଗୁଛି। ମୋର କିଛି ବନ୍ଧୁ ପ୍ରଥମେ ମତେ ଏ ବିଷୟରେ ଖବର ଦେଇଥିଲେ। ତେବେ ଏନେଇ ଏକାଡେମୀକୁ ଧନ୍ୟବାଦ ଅର୍ପଣ କରିବାକୁ ଚାହିଁବି।

**●ଜଣେ ପୋଲିସ୍ ଅଧିକାରୀ ହୋଇ ସାହିତ୍ୟକୁ କିପରି ଭଲ ପାଇଲେ?**

ଛୋଟବେଳୁ ସାହିତ୍ୟ ପ୍ରତି ମୋର ଆଗ୍ରହ ରହିଥିଲା। ବାପା ପଣ୍ଡିତ ଶମ୍ଭୁଧର ହୋତା ପ୍ରାଚୀନ ସାହିତ୍ୟର ଜଣେ ପଣ୍ଡିତ ତଥା ପ୍ରବଚକ। ତେଣୁ ତାଙ୍କ ପାଖରୁ ସାହିତ୍ୟ ପାଇଁ ପ୍ରେରଣା ପାଇଥିଲି। ହାଇଦ୍ରାବାଦରେ ଏମ୍.ଏ. କରି ଓଡ଼ିଶା ଆସିବା ପରେ ଦେଖିଲି ଯେ, ବହୁ ସାହିତ୍ୟିକ ପ୍ରବନ୍ଧ ସାହିତ୍ୟରେ ବେଶି ମନୋନିବେଶ କରୁନାହାନ୍ତି। ତା’ପରେ ଧୀରେ ଧୀରେ ପ୍ରବନ୍ଧ ସାହିତ୍ୟ ପ୍ରତି ମୋର ଆଗ୍ରହ ବଢିଥିଲା।

**●ପ୍ରଫେଶନ ଓ ପ୍ୟାଶନ ଭିତରେ କେମିତି ସମନ୍ୱୟ ରକ୍ଷା କରନ୍ତି?**

ଏଥିପାଇଁ ମତେ ବହୁତ କଷ୍ଟ କରିବାକୁ ପଡିଛି। ବହୁତ କିଛି ହରାଇଛି। ଜଣେ ପୋଲିସ ଅଧିକାରୀ ହୋଇଥିବାରୁ ସମୟ ବହୁତ କମ୍ ମିଳିଥାଏ। ତେବେ ପ୍ରତିଦିନ ଭୋର୍ ୪ଟାରୁ ୭ଟା ପର୍ଯ୍ୟନ୍ତ ସାହିତ୍ୟ ସାଧନା କରିଥାଏ।




**●‘ଚେତନାର ଅନ୍ୱେଷଣ’ ପ୍ରବନ୍ଧରେ କ’ଣ ବିଶେଷତ୍ୱ ରହିଛି?**

ଏହା ମୋର ୪/୫ବର୍ଷ ସାଧନାର ଫଳ। ଏଥିରେ ୧୦ଟି ପ୍ରବନ୍ଧ ରହିଛି। ‘ଯନ୍ତ୍ରଣାର ଆନନ୍ଦ’, ନୀରବତାର ଦୁଃଖ, ପ୍ରଜ୍ଞାର ସଂଜ୍ଞା, ଭୀମଭୋଇଙ୍କ ନିର୍ଗୁଣ ଚେତନା ଭଳି ନିଦା ପ୍ରବନ୍ଧ ରହିଛି।

**●ସାହିତ୍ୟକୁ ନେଇ ଆଗାମୀ ଯୋଜନା କ’ଣ ରହିଛି?**

ଏବେ ମୁଁ ‘କବିତାର ଭାଷା’ ନାମକ ଏକ ବହି ଲେଖୁଛି। ଏହାଛଡା କବି ବିନୋଦ ନାୟକଙ୍କ ଉପରେ ଏକ ଦୀର୍ଘ ପ୍ରବନ୍ଧ ଏବଂ ସଚ୍ଚି ରାଉତରାୟଙ୍କ ଉପରେ ଏକ ଆଲୋଚନା ଆରମ୍ଭ କରିଛି।

**●ଆଗାମୀ ପ୍ରବନ୍ଧକାରଙ୍କ ପ୍ରତି କ’ଣ ସନ୍ଦେଶ ଦେବେ?**

ମୋର ସେତେ ବିଜ୍ଞତା ନାହିଁ ଯେ ମୁଁ କିଛି ସନ୍ଦେଶ ଦେବି। ତେବେ ଆମେ ଆମର ସାଧନାକୁ ଜାରି ରଖିବା ଦରକାର। ସାହିତ୍ୟକୁ ଏକ ପ୍ରତ୍ୟାଶା ନ ଭାବି ଏକ ଅନ୍ୱେଷଣ ଭାବେ ଗ୍ରହଣ କରିବା ଦରକାର। ଯେତେ ବେଶି ଆମେ ସାହିତ୍ୟ ପଢିବା, ସେତେ କମ୍ ଲେଖିବାର ଆବଶ୍ୟକତା ରହିଛି।

**ଧରିତ୍ରୀ ଆଳାପ**

# ‘ପୁରସ୍କାର କ୍ଷଣିକ ଆନନ୍ଦ, ସାଧନା ଚିରନ୍ତନ’

କେନ୍ଦୁଝର ଜିଲା ଘସିପୁରା ବ୍ଲକର ଅତାସାହିରେ ୧୯୫୦ ଜୁନ୍ ୨୨ରେ ଜନ୍ମ ଗ୍ରହଣ କରିଥିଲେ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ। ପଞ୍ଚମ ଶ୍ରେଣୀରେ ପଢିବାବେଳେ ପ୍ରଥମ କରି ସେ ଏକ କ୍ଷୁଦ୍ର କବିତା ଲେଖିଥିଲେ। ଏହାପରେ କଲେଜ ଜୀବନରେ ଲେଖାଲେଖି ଆରମ୍ଭ କରିଥିଲେ। ପରିବାର ତଥା ସହପାଠୀଙ୍କ ପ୍ରଶଂସା ଓ ପ୍ରେରଣା ତାଙ୍କୁ ଅଧିକ ଲେଖାଲେଖି କରିବାକୁ ଉତ୍ସାହିତ କରିଥିଲା। ଜଣେ ଶିକ୍ଷକ ଭାବେ ଜୀବନ ଅତିବାହିତ କରିଥିଲେ ବି ସେ କେବେ ମଧ ଲେଖିବା ଛାଡି ନାହାନ୍ତି। ଗଳ୍ପ ପୁସ୍ତକ ‘ବଣ ଦେଉଳରେ ସୁନା ନେଉଳ’ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀର ସମ୍ମାନଜନକ ‘ବାଲ୍ ସାହିତ୍ୟ ପୁରସ୍କାର’ ପାଇବାକୁ ମନୋନୀତ ହୋଇଥିବା ରାମଚନ୍ଦ୍ରଙ୍କ ସହ ସ୍ୱତନ୍ତ୍ର ଆଳାପ।

**➢‘ବାଲ୍ ସାହିତ୍ୟ ପୁରସ୍କାର’ କଥା ଶୁଣି କିପରି ଅନୁଭବ କରୁଛନ୍ତି?**

ସାଧନାର ଫଳ ମିଳିଛି, ତେଣୁ ଖୁସି ଲାଗୁଛି। ମାତ୍ର ସାଧନା ପାଖରେ ପୁରସ୍କାରକୁ ମୁଁ ଗୁରୁତ୍ୱ ଦିଏ ନାହିଁ। ପୁରସ୍କାର ଏକ କ୍ଷଣିକ ଆନନ୍ଦ, ପ୍ରେରଣାର ଏକ ମାଧ୍ୟମ। ମାତ୍ର ସାଧନା ଚିରନ୍ତନ, ଜୀବନ ସାରା ଆମକୁ ଖୁସି ଦେଇଥାଏ। ଜଣେ ସାହିତ୍ୟିକଙ୍କ ପାଇଁ ସାଧନା ଆନନ୍ଦର ଦାନ। ଏ ବୟସରେ ବି ମୁଁ ପ୍ରତିଦିନ ୭ ରୁ ୮ଘଣ୍ଟା ପଢେ।

**➢ସାହିତ୍ୟ ପ୍ରତି କେବେଠାରୁ ରୁଚି ବଢ଼ିଥିଲା?**

ପଞ୍ଚମ ଶ୍ରେଣୀରେ ପଢିବାବେଳେ ପ୍ରଥମ କରି ମୁଁ ଏକ କବିତା ଲେଖିଥିଲି। ଆମ ବିଦ୍ୟାଳୟରେ ଏକ ଅନ୍ତାକ୍ଷରୀ ପ୍ରତିଯୋଗିତା ହେଉଥିଲା। ସେଥିରେ ମୁଁ ହଠାତ୍ ଏକ କବିତା ‘ଭଗବାନ ତୁମ୍ଭେ ଶୁଣ, ମୁହିଁ ଡାକୁଚି ପୁଣ’ ଗାଇଥିଲି। ଏହା ସ୍ୱତଃ ମୋ ମନକୁ ଆସିଥିଲା। ସହପାଠୀ ତଥା ଶିକ୍ଷକଙ୍କ ପାଖରୁ ଏଥିପାଇଁ ପ୍ରଶଂସା ବି ପାଇଥିଲି। ଏହାପରେ ଧୀରେ ଧୀରେ ଲେଖିବା ଆରମ୍ଭ ହୋଇଥିଲା, ଆଉ ସାହିତ୍ୟକୁ ଭଲ ପାଇବା ବି ବଢ଼ିଥିଲା।

**➢ବର୍ତ୍ତମାନ ସାହିତ୍ୟର ସ୍ଥିତି କପରି ରହିଛି?**

ସାହିତ୍ୟର ସ୍ଥିତି ସବୁବେଳେ ଭଲ ରହିଛି। ମାତ୍ର ଆମ ପାଠ ଓ ଆମ ପରିବେଶର ଚିନ୍ତନ ଶକ୍ତିରେ ଅବକ୍ଷୟ ହୋଇଛି। ସାହିତ୍ୟ ସବୁବେଳେ ପ୍ରଶଂସନୀୟ। ମାତ୍ର ସାହିତ୍ୟ ଭିତରେ ଶସ୍ତା ଭାବନାକୁ ପୂରାଇ ଏହାକୁ ପତନ ଆଡକୁ ଟାଣି ନିଆଯାଉଛି। ପ୍ରକୃତ ସାହିତ୍ୟ କିନ୍ତୁ ଜୀବନ୍ତ।

**➢ ‘ବଣ ଦେଉଳରେ ସୁନା ନେଉଳ’ ପୁସ୍ତକର ବିଶେଷତ୍ୱ କ’ଣ ରହିଛି?**

ପରିବେଶ ସୁରକ୍ଷା, ବୃକ୍ଷ ରୋପଣର ଉପକାରିତା, ଜାତୀୟ ଚେତନା, ସାହସିକତା, ନାରୀ ଜାଗରଣ ଏବଂ ହାସ୍ୟ ଏହି ପୁସ୍ତକର ଆଧାର।


ଡ. ରାମଚନ୍ଦ୍ର ନାୟକ

**➢ବର୍ତ୍ତମାନର ଶିଶୁ ସାହିତ୍ୟିକଙ୍କ ପାଇଁ କ’ଣ ବାର୍ତ୍ତା ରହିବ?**

ବର୍ତ୍ତମାନ ଯୁଗରେ କିଛି ସାଧକ ଆଶୁ ଫଳ ପାଇଁ ଲାଳାୟିତ ହେଉଛନ୍ତି। ମାତ୍ର ସେମାନେ ପୁରସ୍କାର ନୁହେଁ, ସାଧନା ଉପରେ ଗୁରୁତ୍ୱ ଦେବା ଉଚିତ୍। ଶିଶୁ ସାହିତ୍ୟିକମାନେ ଶିଶୁଙ୍କ ହୃଦୟକୁ ପଢିବା ଶିଖନ୍ତୁ। ସେମାନଙ୍କ ମନକୁ ବୁଝିପାରିଲେ ହିଁ ଶିଶୁସାହିତ୍ୟିକମାନେ ଅଧିକ ଦିନ ତିଷ୍ଠି ପାରିବେ।

**ସାକ୍ଷାତ୍ : ବନ୍ଦନା ସେଠୀ, ଭୁବନେଶ୍ୱର**

**ସଂକ୍ଷେପରେ**

## କିଶନନଗର ଥାନା ଫୋନ ଅଚଳ

**କଟକସଦର,୧୨।୩(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କିଶନ ନଗର ଥାନାର ଲ୍ୟାଣ୍ଡଲାଇନ ଫୋନ ବାରମ୍ବାର ଅଚଳ ରହୁଛି। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଥାନା ସହିତ ଜରୁରୀ ସହାୟତା ପାଇଁ ଯୋଗାଯୋଗ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ଲ୍ୟାଣ୍ଡଲାଇନ ନଂ. ୬୭୧୨୩୫୯୫୧୨ଟି ଅଧିକାଂଶ ସମୟ ଅଚଳ ରହୁଥିବାରୁ ଏହି ଥାନା ଅଧୀନରେ ଥିବା ୧୧୮ଟି ରାଜସ୍ୱ ଗ୍ରାମର ଲୋକମାନେ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଏହି ଥାନା ଅଧୀନରେ ଥିବା କଳରାବାଙ୍ଗ ଫାଣ୍ଡି, ମାହାଳ ହାଟ ଓ ସୋମପୁର ବିଟ୍ ହାଉସ୍‌ର ମଧ ସମାଦଶା। ଏହି ଫାଣ୍ଡି ଓ ବିଟ୍ ହାଉସରେ ଦାୟିତ୍ୱରେ ପୋଲିସ ଅଧିକାରୀଙ୍କ ଯୋଗାଯୋଗ ନମ୍ବର ମଧ କାହାରିକୁ ଜଣାନାହିଁ। ଫଳରେ କୌଣସି ସମସ୍ୟାର ଅଗ୍ରଗତି ସ୍ଥିତି ସମ୍ପର୍କରେ ଜାଣିବାରେ ଅସୁବିଧା ହେଉଥିବାରୁ ନଦୀନାଳ ଘେରା ଏହି ଅଞ୍ଚଳର ଲୋକମାନଙ୍କୁ ଯୋଗାଯୋଗ ସୁବିଧା ଉପଲବ୍ଧ କରିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଥାନାଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି, ଜରୁରୀ ସେବା ପାଇଁ ମୋବାଇଲ ନଂ.୯୪୩୮୯୧୬୨୧୨ ରହିଛି। ଲ୍ୟାଣ୍ଡଲାଇନ ସଜାଡ଼ିବା ପାଇଁ ଶୀଘ୍ର ବ୍ୟବସ୍ଥା କରାଯାଉଛି ବୋଲି ସ୍ୱାଇଁ କହିଛନ୍ତି।

## ସାକ୍ଷୀଗୋପାଳ ମନ୍ଦିର ସେବକଙ୍କ ପରଲୋକ

**ସାକ୍ଷୀଗୋପାଳ, ୧୨।୩(ଡି.ଏନ.ଏ.):** ସାକ୍ଷୀଗୋପାଳ ଠାକୁରଙ୍କର ବୟୋଜ୍ୟେଷ୍ଠ ସିଂହାରୀ ସେବକ ତଥା ତବଲା ବାଦକ ରଘୁନାଥ ପତ୍ରୀଙ୍କ(୮୦)ର ସେବକସାହିସ୍ଥିତ ବାସଭବନରେ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଛି। ସ୍ୱର୍ଗତ ପତ୍ରୀ ରାଜ୍ୟ ସରକାରଙ୍କ ଅଣଗେଜେଟେଡ କର୍ମଚାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘର ପୂର୍ବତନ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ସେବାୟତମାନଙ୍କର କଲ୍ୟାଣ ନିମନ୍ତେ ତାଙ୍କ ଉଦ୍ୟମ ବେଶ ପ୍ରଶଂସାନୀୟ ହୋଇଥିଲା। ମୃତ୍ୟଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ୨ପୁତ୍ର କନ୍ୟା-ଜାମାତା, ଭଣଜା ଭାଣିଜୀ, ସେବାୟତ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରମ୍ପରାକ୍ରମେ ମନ୍ଦିର ରୋଷଶାଳାରୁ ଅଗ୍ନି ସଂଗ୍ରହ କରାଯାଇଛି। ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ରବିନାରାୟଣ ମୁଖାଗ୍ନି ଦେଇଥିଲେ।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଅସୀମ ନାଟ୍ୟ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ ‘ଶବ ବାହକମାନେ’ର ଏକ ଦୃଶ୍ୟ।

# ଆରମ୍ଭ ହେଲା ଅସୀମ ଉତ୍ସବ

**ନାଟକ-ଚିତ୍ରକଳାର ଯୁଗଳବନ୍ଦୀ**

**ଭୁବନେଶ୍ୱର, ୧୨।୩ (ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ୪ର୍ଥ ଅସୀମ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଦୁଇଦିନିଆ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଉତ୍ତରପୁରୁଷ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା ନାଟକ ‘ଶବ ବାହାକମାନେ’। ନାଟକର ରଚନା ବିଜୟ ମିଶ୍ର କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ଚକ୍ରଧର ପାତ୍ର। ଅନୁଷ୍ଠାନର ସଭାପତି ରାମହରି ଜେନା, ଚିତ୍ରଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକ, ନାଟ୍ୟସଂଘ ସଭାପତି ହରେନ୍ ସାହୁ, ଗବେଷିକା ସଂଘମିତ୍ରା ମିଶ୍ର ଓ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ଅସୀମ ବସୁଙ୍କ ରଚିତ ଆତ୍ମଜୀବନୀ ‘କଥାରେ କଥାରେ’ର ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ୧୬ଜଣ ମହିଳା ଚିତ୍ରଶିଳ୍ପୀଙ୍କ କଳାକୃତିର ଏକ ପ୍ରଦର୍ଶନୀ ଆୟୋଜିତ କରାଯାଇଥିଲା। ଦେବଦତ୍ତ ପତି ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ।

## ହୋଟେଲ ମ୍ୟାନେଜରଙ୍କୁ ମାଡ଼ ମାରି ବାଉନ୍ସର ଗିରଫ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ରାଜଧାନୀରେ ବାଉନ୍ସରଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ଖାରବେଳନଗର ଥାନାଞ୍ଚଳରେ ମ୍ୟାଡ୍‌ମୁଲ ବାର୍‌ରେ ଗ୍ରାହକଙ୍କୁ ଭୁଜାଲିରେ ହାଣି ୨ଜଣ ବାଉନ୍ସର ଗିରଫ ହୋଇ ଜେଲ ଯାଇଥିଲେ। ଏବେ ଏକ ହୋଟେଲ ମ୍ୟାନେଜର ଓ କର୍ମଚାରୀଙ୍କୁ ମାଡ଼ମାରି ଆଉଜଣେ ବାଉନ୍ସରଙ୍କୁ ଜେଲ ଯିବାକୁ ପଡିଛି। ସେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ୟୁନିଟ୍-୯, ଭୋଇନଗରରେ ରହୁଥିବା ରାଜୁ ଓରଫ୍ ଦିଲେଶ୍ୱର ରାଓ(୨୯)। ରାଜୁ ସନଗ୍ରୀନ ହୋଟେଲରୁ ବାଉନ୍ସର ଚାକିରିରୁ ବାହାରିବା ପରେ ଅନ୍ୟ ଏକ ହୋଟେଲରେ କାମ କରୁଥିଲେ। ଏହାକୁ ନେଇ ସନ୍‌ଗ୍ରୀନ୍ ହୋଟେଲ ମ୍ୟାନେଜରଙ୍କ ମଧ୍ୟରେ ତିକ୍ତତା ଲାଗିରହିଥିଲା। ଗତ ୨୭ ତାରିଖ ରାତି ସାଢେ ୧୧ଟାରେ ମ୍ୟାନେଜର ଦିଲୀପ ମହାନ୍ତି ଓ ଅକର୍ମଚାରୀ ଲକ୍ଷ୍ମଣ ବେହେରା ହୋଟେଲରୁ ବାହାରୁଥିଲେ। ଅଭିଯୁକ୍ତ ରାଜୁ ଓ ତାଙ୍କର ଅନ୍ୟ ସହଯୋଗୀମାନେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଲକ୍ଷ୍ମଣଙ୍କ ମୁଣ୍ଡ ଫାଟି ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଦିଲୀପ ଗତ ୪ ତାରିଖରେ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୨/୨୧ରେ ମାମଲା ରୁଜୁକରି ତଦନ୍ତ କରୁଥିଲେ।

## ଓଜେଏସ୍‌ରେ ସତ୍ୟବାଦୀରୁ ଦେବାନଙ୍କ ସଫଳତା

**ସାକ୍ଷୀଗୋପାଳ,୧୨।୩(ସ୍ୱ.ପ୍ର.)**

ସିଭିଲ୍ ଜଜ୍ ପଦରେ ନିଯୁକ୍ତି ପାଇଁ ଓଜେଏସ୍ ପରୀକ୍ଷାରେ ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ଦେବାନ ସତ୍ୟଦର୍ଶୀ ନନ୍ଦ ସଫଳତା ହାସଲ କରିଛନ୍ତି। ମେଧା ତାଲିକାର ସେ ୭ମ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ସେ ବୀରଗୋବିନ୍ଦପୁର ଗ୍ରାମର ସାମାଜିକ କର୍ମୀ ସ୍ୱର୍ଗତ ଗୋପୀନାଥ ନନ୍ଦଙ୍କ ନାତି ତଥା ପ୍ରଶାନ୍ତ କୁମାର ନନ୍ଦ ଓ ସତ୍ୟବାଦୀ ହାଇସ୍କୁଲର ଶିକ୍ଷୟିତ୍ରୀ ବୈଜୟନ୍ତୀଙ୍କ ମିଶ୍ରଙ୍କ ପୁତ୍ର ଅଟନ୍ତି। ଦେବାନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରୁ ମାଧ୍ୟମିକ ଶିକ୍ଷା, ବେସିକ ସାଇନ୍ସ କଲେଜରୁ +୨, କିଟ୍ ଆଇନ ମହାବିଦ୍ୟାଳୟରୁ ଇଣ୍ଟିଗ୍ରେଟେଡ୍ ଏଲ୍‌ଏଲ୍‌ବି ଓ କଟକସ୍ଥିତ ଏନ୍‌ଏଲୟୁରୁ ଏଲ୍‌ଏଲ୍‌ଏମ୍ ପାସ୍ କରିଛନ୍ତି। ତାଙ୍କ ଏହି କୃତିତ୍ୱ ପାଇଁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ସମଗ୍ର ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅନ୍ୟପଟେ ଦେବାନ ଏହି ସଫଳତା ପାଇଁ ପରିବାରବର୍ଗ ଓ ସମସ୍ତ ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ୨ଲକ୍ଷ ୧୫ହଜାର ଟଙ୍କା ଜରିମାନା ଆଦାୟ

**ବାଲୁଗାଁ,୧୨।୩(ଡି.ଏନ୍.ଏ.)**

ଭୁବନେଶ୍ୱର ପରିବହନ ବିଭାଗ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ବାଲୁଗାଁର ବିଭିନ୍ନ ଅଞ୍ଚଳରେ ଯାନବାହନ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ପ୍ରକ୍ରିୟାରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀ ତଥା ବିନା ହେଲ୍‌ମେଟ, ଡ୍ରାଇଭିଂ ଲାଇସେନ୍ସ, ସିଟ୍ ବେଲ୍ଟ, ରେଜିଷ୍ଟ୍ରେଶନ, ଫିଟ୍‌ନେସ୍, ପଲ୍ୟୁଶନ ଏବଂ ବୀମା ଆଦି କ୍ଷେତ୍ରରେ ଯାଞ୍ଚ କରାଯାଇ ୫୧ଜଣ ଗାଡ଼ି ମାଲିକଙ୍କଠାରୁ ୨ଲକ୍ଷ ୧୫ହଜାର ୫୦୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ଭୁବନେଶ୍ୱର ଟ୍ରାଫିକ ଏସ୍‌ଆଇ ରଞ୍ଜନ କୁମାର ଦୋରାଙ୍କ ନେତୃତ୍ୱରେ ସୁର ସେଠୀ, ପୁଷ୍କର ସାମନ୍ତରାୟ ପ୍ରମୁଖ କର୍ମଚାରୀ ଏହି ଯାଞ୍ଚ କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି ଟ୍ରାଫିକ ଏସ୍‌ଆଇ ଦୋରା ସୂଚନା ଦେଇଛନ୍ତି।

## ହରିରାଜପୁର ମେଳଣ ପାଇଁ ସମନ୍ୱୟ ବୈଠକ

**ଡେଲାଙ୍ଗ,୧୨।୩(ଡି.ଏନ୍.ଏ)**

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣ ଏପ୍ରିଲ ୪ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ପ୍ରଥମ ସମନ୍ୱୟ ବୈଠକ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତହସିଲଦାର ମହେନ୍ଦ୍ର ବଡାଇ, ପିପିଲି ଏସଡିପିଓ ଦେବଦତ୍ତ ବରାଳ, ଡେଲାଙ୍ଗ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ, ମିଶନ ଶକ୍ତି ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ, ମେଳନ କମିଟି ସଭାପତି ପ୍ରେମାନନ୍ଦ ମହାରଥି ପ୍ରମୁଖ ଉପସ୍ଥିତ ରହି ଡେଲାଙ୍ଗ ମେଳନ ଓ ହରିରାଜପୁର ମେଳନ କିପରି କୋଭିଡ କଟକଣା ସହ କମ୍ ସଂଖ୍ୟକ ଜନସମାଗମ ମଧ୍ୟରେ ଅନୁଷ୍ଠିତ ହେବ ସେନେଇ ଆଲୋଚନା ହୋଇଥିଲା। ୧୬୩୭ ଖ୍ରୀଷ୍ଟାବ୍ଦର ହରିରାଜପୁର ମେଳନ ବାଣ ପାଇଁ ଓଡ଼ିଶାରେ ଖ୍ୟାତି ଅର୍ଜନ କରିଥିବାବେଳେ ବିଭିନ୍ନ ପ୍ରାନ୍ତରୁ ଏହି ମେଳନ ଦେଖିବା ପାଇଁ ଅନେକ ଜନସମାଗମ ହୋଇଥାଏ। କରୋନା କଟକଣାକୁ ଦେଖି ବିନା ବାଣଫୁଟା, ଫଗୁଖେଳ ଓ ଅସ୍ଥାୟୀ ଦୋକାନ ବନ୍ଦ କରି ଏହି ମେଳନ କରିବାକୁ ପ୍ରଶାସନ ପ୍ରସ୍ତାବ ଦେଇଛି। ଗାଇଡ୍‌ଲାଇନ ଅନୁଯାୟୀ ଏହି ମେଳନରେ ୫ଶହ ଲୋକ ଯୋଗଦେଇପାରିବେ, ମାସ୍କ ବାଧ୍ୟତା ମୂଳକ,ସମାଜିକ ଦୂରତା ରକ୍ଷା କରିବା ସହିତ ଠାକୁରଙ୍କ ନୀତିକାନ୍ତି କରାଯିବା ପାଇଁ ପ୍ରଶାସନ ମେଳଣ କମିଟିକୁ ପ୍ରସ୍ତାବ ଦେଇଛି। ବୈଠକରେ ଅଗ୍ନିଶମ ବିଭାଗ ଅଧିକାରୀ ଚନ୍ଦ୍ରଶେଖର ଜେନା, ଜେଇ ବିଶ୍ୱମୋହନ ପଟ୍ଟନାୟକ, ମେଳନ କମିଟି ଯୁଗ୍ମସମ୍ପାଦକ ଅଶୋକ ସାମନ୍ତରାୟ, କୋଷାଧ୍ୟକ୍ଷ ଅଭିମନ୍ୟୁ ବଳିୟାରସିଂ, ଶିବପ୍ରଶାଦ ଚମ୍ପତି, ସଂଯୋଜନ ପ୍ରସନ୍ନ ମହାରଥି, ନିର୍ମଳ ପରିଡା, ବସନ୍ତ ବେହେରା, ଲୋନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନିଫ୍‌ଟ ନୋବେଲ୍ ଆଲୁମ୍‌ନିରେ ଓଡ଼ିଆ ପୁଅ ସୁଜିତ୍

**ଭୁବନେଶ୍ୱର, ୧୨।୩ (ବ୍ୟୁରୋ)**

ରାଜ୍ୟର ସମୃଦ୍ଧ ହସ୍ତତନ୍ତ କଳା ଏବେ ବିଶ୍ୱ ବଜାରରେ ନୂଆ ପରିଚୟ ପାଇଛି। ଓଡ଼ିଶା ହସ୍ତତନ୍ତ ସାମଗ୍ରୀର ସ୍ୱତନ୍ତ୍ର ବ୍ରାଣ୍ଡିଂ କରିବା ସହ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଡିଜାଇନର ସୁଜିତ୍ ମେହେର ଆଉ ଏକ ଗୌରବ ଆଣିଛନ୍ତି। ତାଙ୍କ ନାମ ନିଫ୍‌ଟ ନୋବେଲ୍ ଆଲୁମନିରେ ସ୍ଥାନ ପାଇଛି। ସବ୍ୟସାଚୀ ମୁଖାର୍ଜୀ, ମନୀଷ ଅରୋରାଙ୍କ ଭଳି ସୁନାମଧନ୍ୟ ଫ୍ୟାଶନ ଡିଜାଇନରଙ୍କ ମଧ୍ୟରେ ସୁଜିତ୍ ମେହେରଙ୍କ ନାମ ସ୍ଥାନ ପାଇଛି। ଦୀର୍ଘଦିନ ଧରି ଓଡ଼ିଶାର ହସ୍ତତନ୍ତକୁ ବ୍ରାଣ୍ଡିଂ କରିବା ନେଇ ଚିନ୍ତା କରାଯାଉଥିବାବେଳେ ଏହାକୁ ବାସ୍ତବରେ କରି ଦେଖାଇଛନ୍ତି କଳାହାଣ୍ଡିର ପୁଅ ସୁଜିତ୍। ଏହାଦ୍ୱାରା ହସ୍ତତନ୍ତ ଶାଢି ଓ ପୋଷାକର ଚାହିଦା ବୃଦ୍ଧି ପାଇବ। ବିଦେଶକୁ ହସ୍ତତନ୍ତ ଯୋଗାଣର ବାଟ ପ୍ରଶସ୍ତ ହେବା ସହ ଓଡ଼ିଶା ନାଁରେ ଆଉ ଏକ ଫର୍ଦ୍ଦ ଯୋଡିହେବ। କେବଳ ସେତିକି ନୁହେଁ, ଏହାଦ୍ୱାରା ରାଜ୍ୟର ବହୁ ବୁଣାକାର ମଧ ଉପକୃତ ହୋଇପାରିବେ। ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି (ନିଫ୍‌ଟ) ବେଙ୍ଗାଲୁରୁରୁ ଡିଜାଇନ୍ ପାଠ୍ୟକ୍ରମ ଶେଷ କରିବା ପରେ ସୁଜିତ ୭ବର୍ଷ ହେବ ଓଡ଼ିଶାର ହସ୍ତତନ୍ତକୁ ନେଇ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବହୁ ପରୀକ୍ଷା ନିରୀକ୍ଷା କରିଥିଲେ। ଏନେଇ ସୁଜିତ୍ କୁହନ୍ତି, ହସ୍ତତନ୍ତକୁ ନେଇ ବହୁତ ଲିମିଟେଶନ ରହିଥିବା ମୁଁ ଦେଖିଥିଲି। ସମ୍ବଲପୁରୀରେ କେବଳ ଶାଢି ଓ ସାଲ୍‌ୱାର ହିଁ ହୋଇପାରିବ ବୋଲି ଏକ ପ୍ରକାର ଧାରଣା ସମସ୍ତଙ୍କ ମନରେ ରହିଥିଲା। ଏହାକୁ ହିଁ ମତେ ବଦଳାଇବାର ଥିଲା। ୨୦୧୩ରେ ଡିଜାଇନ୍ ପାଠ୍ୟକ୍ରମ ସରିବା ପୂର୍ବରୁ ୨୦୧୨ରେ ପ୍ରଥମ କରି ମୁଁ ବାଙ୍ଗାଲୋରରେ ଓଡ଼ିଶାର ହସ୍ତତନ୍ତକୁ ନେଇ ଏକ ଫ୍ୟାଶନ ଶୋ’ କରିଥିଲି। ଏହା ଖୁବ୍ ପ୍ରଶଂସା ସାଉଣ୍ଟିଥିଲା। ଆମେ ନିଜ ହସ୍ତତନ୍ତର ମହତ୍ତ୍ୱ ବୁଝୁନେ, ମାତ୍ର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହାର ଖୁବ୍ କ୍ରେଜ୍ ରହିଛି। ଏମିତିକି ରଷିଆନ ଓ ୟୁରୋପିଆନ୍ ମୋଡ୍‌ରେ ଆମ ହସ୍ତତନ୍ତକୁ ଲୋକମାନେ ଭଲ ପସନ୍ଦ କରୁଛନ୍ତି ବୋଲି ସୁଜିତ କହିଛନ୍ତି।


ମଡ଼େଲଙ୍କ ସହ ଡିଜାଇନର ସୁଜିତ୍।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୧୩ ମାର୍ଚ୍ଚ, ୨୦୨୧



# ପ୍ରଥମ ଟି୨୦ରେ ଭାରତ ପରାସ୍ତ

ଅହମଦାବାଦ, ୧୨।୩

ବ୍ୟାଟିଂ ଓ ବୋଲିଂରେ ଖରାପ ପ୍ରଦର୍ଶନ କରି ଭାରତ ଚଳିତ ଟି୨୦ ସିରିଜର ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇଂଲଣ୍ଡଠାରୁ ୮ ଉଇକେଟରେ ହାରିଯାଇଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୨୪ ରନ କରିଥିବାବେଳେ ଇଂଲଣ୍ଡ ୧୫.୩ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରି ନେଇଥିଲା। ଏଥିସହ ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ମାତ୍ର ୨୦ ରନରେ ଟପ୍ ଅର୍ଡରର ୩ଟି ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଜୋଫ୍ରା ଆର୍ଚରଙ୍କ ଏକ ଅଫ୍‌ଷ୍ଟମ୍ପ ବାହାରର ବଲ୍ ଖେଳିବାକୁ ଯାଇ ଲୋକେଶ ରାହୁଲ ପ୍ଲେଡ୍‌ଅନ୍ ହୋଇଯାଇଥିଲେ। ସେ ମାତ୍ର ୧ ରନ କରିଥିଲେ। ଅଭିଜ୍ଞ ଓପନର ଶିଖର ଧାୱନ ୪ ରନ କରି ମାର୍କ ଉଡ୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇଥିବାବେଳେ ଅଧିନାୟକ ବିରାଟ କୋହଲି ଖରାପ ଫର୍ମ ଜାରି ରଖି କୌଣସି ରନ କରିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ମିଡିଲ୍ ଅର୍ଡରରେ ରିଷଭ ପନ୍ତ ଓ ଶ୍ରେୟାସ ଆୟାର ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ମାତ୍ର ଇଂଲଣ୍ଡ ବୋଲରମାନେ ଚମତ୍କାର ଲାଇନ୍ ଓ ଲେନ୍ଥରେ ବୋଲିଂ କରି ଭାରତୀୟ ବ୍ୟାଟିଂ ଅର୍ଡରକୁ ଧ୍ୱସ୍ତ କରି ଦେଇଥିଲେ। ପନ୍ତ ୨୩ ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୨୧ ରନ କରିଥିବାବେଳେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଉଇକେଟକିପର ଜନି ବେୟାରଷ୍ଟୋଙ୍କୁ କ୍ୟାଚ ଦେଇଥିଲେ। ଶ୍ରେୟାସ ଆୟାର ଏକାକୀ ଲଢ଼େଇ ଜାରି ରଖି ଅର୍ଦ୍ଧଶତକ ହାସଲ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ତାଙ୍କୁ ଉପଯୁକ୍ତ ସହାୟତା କରିପାରି ନ ଥିଲେ। ୧୮ତମ ଓଭରର ଦ୍ୱିତୀୟ ଓ ତୃତୀୟ ବଲ୍‌ରେ ଯଥାକ୍ରମେ ହାର୍ଦ୍ଦିକ ପାଣ୍ଡ୍ୟା (୧୯ରନ, ୨୧ ବଲ, ୧ ଚୌକା, ୧ ଛକା) ଓ ଶାର୍ଦ୍ଦୁଳ ଠାକୁର(୦)ଙ୍କୁ ଆଉଟ କରି ଆର୍ଚର ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ୩୬ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ଆୟାର ବ୍ୟକ୍ତିଗତ ସର୍ବାଧିକ ୬୭(୪୮ ବଲ, ୮ ଚୌକା, ୧ ଛକା) ରନ କରିଥିବାବେଳେ କ୍ରିସ୍ ଜୋର୍ଡାନଙ୍କ ବଲ୍‌ରେ ଡିପ୍ ବ୍ୟାକ୍‌ୱାର୍ଡ ସ୍କୋୟାରରେ ଦାଭିଦ ମଲନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୱାଶିଂଟନ ସୁନ୍ଦର ୩ ଓ ଅକ୍ଷର ପଟେଲ ୭ ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଜୋଫ୍ରା ଆର୍ଚର ସର୍ବାଧିକ ୩ଟି ଏବଂ ଆଡିଲ ରଶିଦ, ମାର୍କ ଉଡ୍, କ୍ରିସ୍ ଜୋର୍ଡାନ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚରେ ହିଟ୍‌ମ୍ୟାନ ରୋହିତ ଶର୍ମାଙ୍କୁ ବିଶ୍ରାମ ଦେଇ ଭାରତ ପଡ଼ିଆକୁ ଓହ୍ଲାଇଥିଲା।

ଇଂଲଣ୍ଡର ଦୁଇ ଓପନର ଜାସନ ରୟ ଓ ଜୋସ ବଟଲର ଦୃଢ଼ ଓପନିଂ କରି ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ୪୮ ବଲ୍‌ରୁ ୭୨ ରନ ସଂଗ୍ରହ ପରେ ବଟଲରଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ଯୁଜବେନ୍ଦ୍ର ଚହଲ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ବଟଲର ୨୪ ବଲ୍‌ରୁ ୨ ଚୌକା ଓ ୧ ଛକା ସହାୟତାରେ ୨୮ ରନ କରିଥିଲେ। ତେବେ ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରି ଇଂଲଣ୍ଡ ସହଜ ବିଜୟ ଦିଗରେ ଅଗ୍ରସର ହୋଇଥିଲା। ଆତ୍ମବିଶ୍ୱାସର ସହ ଇନିଂସ ଆରମ୍ଭ କରିଥିବା ଜାସନ ରୟ ଅର୍ଦ୍ଧଶତକ ହାସଲଠାରୁ ୧ ରନ ଦୂରରେ ଥିବାବେଳେ ୱାଶିଂଟନ ସୁନ୍ଦରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସେ ୩୨ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ୪୯ ରନ କରିଥିଲେ। ଦାଭିଦ ମଲାନ ୨୪(୨୦ ବଲ, ୨ ଚୌକା, ୧ ଛକା) ଓ ଜନି ବେୟାରଷ୍ଟୋ ୨୬(୧୭ ବଲ, ୧ ଚୌକା, ୨ ଛକା) ରନରେ ଅପରାଜିତ ରହି ଆହୁରି ୪.୩ ଓଭର ବାକିଥାଇ ଦଳକୁ ବିଜୟୀ କରାଇଥିଲେ। ଯେଉଁ ପିଚ୍‌ରେ ଇଂଲଣ୍ଡ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ ସେଥିରେ ଭାରତୀୟ ବୋଲର ପ୍ରଭାବହୀନ ରହିଥିଲେ।


ଖୁସି ମୁହୂର୍ତ୍ତରେ କ୍ରିସ୍ ଜୋର୍ଡାନ୍, ଇଅନ ମୋର୍ଗାନ ଓ ଜୋଫ୍ରା ଆର୍ଚର।

## ସ୍କୋର ବୋର୍ଡ

**ଭାରତ ଇନିଂସ**
ଧାୱନ-ବୋ-ମାର୍କ ଉଡ୍-୪
ରାହୁଲ-ବୋ- ଆର୍ଚର-୧
କୋହଲି-କ-ଜୋର୍ଡାନ-ବୋ-ରଶିଦ୍-୦
ପନ୍ତ-କ-ବେୟାରଷ୍ଟୋ-ବୋ-ଷ୍ଟୋକ୍ସ-୨୧
ଆୟାର-କ-ମଲାନ-ବୋ-ଜୋର୍ଡାନ-୬୭
ପାଣ୍ଡ୍ୟା-କ-ଜୋର୍ଡାନ-ବୋ-ଆର୍ଚର-୧୯
ଶାର୍ଦ୍ଦୁଳ-କ-ମଲାନ-ବୋ-ଆର୍ଚର-୦
ୱାଶିଂଟନ ସୁନ୍ଦର-ନଟ ଆଉଟ-୩
ଅକ୍ଷର ପଟେଲ-ନଟ ଆଉଟ-୭
ଅତିରିକ୍ତ-୨
ମୋଟ ( ୨୦ ଓଭର, ୭ ଉଇକେଟ) ୧୨୪
ଉଇକେଟ ପତନ: ୧/୨, ୨/୩, ୩/୨୦, ୪/୪୮, ୫/୧୦୨, ୬/୧୦୨, ୭/୧୧୭।

**ବୋଲିଂ (ଇଂଲଣ୍ଡ)**
ଆଦିଲ ରଶିଦ ୩-୦-୧୪-୧
ଜୋଫ୍ରା ଆର୍ଚର ୪-୧-୨୩-୩
ମାର୍କ ଉଡ୍ ୪-୦-୨୦-୧
କ୍ରିସ୍ ଜୋର୍ଡାନ ୪-୦-୨୭-୧
ବେନ୍ ଷ୍ଟୋକ୍ସ ୩-୦-୨୫-୧
ସାମ୍ କୁରାନ ୨-୦-୧୫-୦।

**ଇଂଲଣ୍ଡ ଇନିଂସ**
ଜାସନ-ଏଲ୍‌ବିଡବ୍ଲ୍ୟୁ-ୱାଶିଂଟନ-୪୯
ବଟଲର-ଏଲ୍‌ବିଡବ୍ଲ୍ୟୁ-ଚହଲ-୨୮
ଦାଭିଦ ମଲାନ-ନଟ ଆଉଟ-୨୪
ବେୟାରଷ୍ଟୋ-ନଟ ଆଉଟ-୨୬
ଅତିରିକ୍ତ-୩
ମୋଟ (୧୫.୩ ଓଭର/୨ ଉଇକେଟ) ୧୩୦
ଉଇକେଟ ପତନ:୧/୭୨,୨/୮୯।

**ବୋଲିଂ (ଭାରତ)**
ଅକ୍ଷର ପଟେଲ ୩-୦-୨୪-୦
ଭୁବନେଶ୍ୱର କୁମାର ୨-୦-୧୫-୦
ଯୁଜବେନ୍ଦ୍ର ଚହଲ ୪-୦-୪୪-୧
ଶାର୍ଦ୍ଦୁଳ ଠାକୁର ୨-୦-୧୬-୦
ହାର୍ଦ୍ଦିକ ପାଣ୍ଡ୍ୟା ୨-୦-୧୩-୦
ୱାଶିଂଟନ ସୁନ୍ଦର ୨.୩-୦-୧୮-୧।

# ଭିନ୍ନ ଚରିତ୍ର

ବାଇଚୁଙ୍ଗ ଭୁଟିଆ

ସିଜନ୍ ୨୦୨୧ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ସବୁଠାରୁ ସ୍ଥିର ପ୍ରଦର୍ଶନ କରି ଆସୁଥିବା ଦୁଇ ଦଳ ହେଲେ ମୁମ୍ବାଇ ସିଟି ଏଫ୍‌ସି ଓ ଏଟିକେ ମୋହନବାଗାନ। ଏହି ଦୁଇ ଦଳ ମଧ୍ୟରେ ଫାଇନାଲ ହୋଇପାରେ ବୋଲି ଅନେକେ ପୂର୍ବାନୁମାନ କରି କହିଥିବେ। କେବଳ ସ୍ଥିର ପ୍ରଦର୍ଶନକୁ ଛାଡ଼ିଦେଲେ ଦୁଇ ଦଳର ଚରିତ୍ର ସମ୍ପୂର୍ଣ୍ଣ ଭିନ୍ନ। ସେମିଫାଇନାଲରେ ମୁମ୍ବାଇକୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଦଳ ସଡନ ଡେଥ୍ ଜରିଆରେ ଫାଇନାଲକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ଲେଗ୍ ସେମିଫାଇନାଲରେ ଦଳ ନିର୍ଦ୍ଧାରିତ ସମୟରେ ଗୋଲ କରିବାରେ ସମର୍ଥ ହୋଇପାରି ନ ଥିଲା। କେଉଁଠି ନା କେଉଁଠି ତାଳମେଳର ଅଭାବ ରହିଥିଲା। ମୁମ୍ବାଇ ଦଳର ପ୍ରମୁଖ ଖେଳାଳି ହେଲେ ଅହମ୍ମଦ ଜାହୋ। ଦଳରେ ସେ ଭାରସାମ୍ୟ ରଖିଥାନ୍ତି। ସବୁବେଳେ ସେ ବଲ୍‌କୁ ନିଜ ପାଖରେ ରଖିବା ଲାଗି ଚେଷ୍ଟା କରିଥାନ୍ତି। ଏବର୍ଷର ଲିଗ୍‌ରେ ତାଙ୍କୁ ଶ୍ରେଷ୍ଠ ପାସ୍‌ର ବୋଲି କୁହାଯାଉଛି। ଏଟିକେ ମୋହନବାଗାନ ଏହି ଖେଳାଳିଙ୍କୁ ଟାର୍ଗେଟରେ ରଖିବ। ଜାହୋଙ୍କ ଉପରେ ଅଙ୍କୁଶ ଲଗାଇ ପାରିଲେ ମୋହନବାଗାନ ପାଇଁ ମ୍ୟାଚ ସହଜ ହୋଇଯିବ। ଏଟିକେ ମୋହନବାଗାନ ଉପରେ ଲଗାମ ଦେବାକୁ ହେଲେ ବାର୍ଥୋଲୋମି ଓଗ୍‌ବେଚେ ଏବଂ ଆଡାମ ଲି ଫୋଣ୍ଡ୍ରେଙ୍କୁ ସମ୍ମୁଖ ଭାଗରେ ମିଳିତ ଭାବେ ଆରମ୍ଭ କରିବାକୁ ପଡ଼ିବ। ମୋହନବାଗାନର ଖେଳାଳିମାନେ ଆଗପଛ ହୋଇ ମିଳିତ ଭାବେ ଆକ୍ରମଣ କରିଥାନ୍ତି। ଏହା ବ୍ୟତୀତ ପ୍ରତ୍ୟେକ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ଦଳକୁ ମ୍ୟାଚରେ ଜିତାଇଥାନ୍ତି। ଏହି ସିଜନ୍‌ରେ ଏଟିକେ ମୋହନବାଗାନକୁ ଦୁଇଥର ପରାସ୍ତ କରିଥିବାରୁ ମୁମ୍ବାଇ ମନସ୍ତାତ୍ତ୍ୱିକ ଫାଇଦାରେ ରହିବ। ଏଟିକେ ମୋହନବାଗାନ ଫାଇନାଲରେ ଆକ୍ରମଣାତ୍ମକ ଖେଳିବ ବୋଲି ମୋର ଆଶା। ଏପରିସ୍ଥଳେ ମୁମ୍ବାଇ ଦଳକୁ ଧୈର୍ଯ୍ୟର ସହ ଖେଳର ଗତି ଉପରେ ନଜର ରଖି ସୁଯୋଗକୁ ଅପେକ୍ଷା କରିବାକୁ ହେବ। ଟିମ୍ ମ୍ୟାନେଜର ଆଣ୍ଟୋନିଓ ହାବାସ ହୁଏତ ସମ୍ମୁଖ ଭାଗରେ ମନବୀର-କ୍ରିଷ୍ଣା-ୱିଲିୟମ୍ସଙ୍କୁ ମୁତୟନ କରିପାରନ୍ତି। ଯଦି ଏପରି ହୁଏ ତେବେ ମୁମ୍ବାଇକୁ ଏହାର ଯୋଜନାରେ ସାମାନ୍ୟ ପରିବର୍ତ୍ତନ କରିବାକୁ ପଡ଼ିବ। ଏଟିକେ ମୋହନବାଗାନର ରୟ କ୍ରିଷ୍ଣାଙ୍କୁ ଟାର୍ଗେଟରେ ରଖିବାକୁ ପଡ଼ିବ। ଯେଉଁଦିନ ସେ ଗୋଲ ସ୍କୋର କରି ନ ଥାନ୍ତି ଅନ୍ୟ ଖେଳାଳିଙ୍କୁ ଗୋଲ ସ୍କୋର କରିବାରେ ସହାୟତା କରିବାକୁ ପସନ୍ଦ କରିଥାନ୍ତି। ସେ ଜଣେ ସ୍ୱୟଂସମ୍ପୂର୍ଣ୍ଣ ଖେଳାଳି। ଏଟିକେ ମୋହନବାଗାନର ଚରିତ୍ର ହେଲା ଏହି ଦଳ ବେଳେ ବେଳେ ଅସାଧାରଣ ଖେଳ ପ୍ରଦର୍ଶନ କରିଥାଏ। ସେମିଫାଇନାଲରେ ଯୁବ ଖେଳାଳିଙ୍କୁ ନେଇ ଗଠିତ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷରେ ଦଳ ଏହାର ଏକ ନମୁନା ଦେଖାଇଛି। ଶେଷରେ ମୁଁ କହିବାକୁ ଚାହେଁ ଫାଇନାଲରେ କେଉଁ ଦଳ ଜିତିବ ତାହାର ପୂର୍ବାନୁମାନ ନ କରି ଆମେ ଖେଳକୁ ମନୋଭରି ଉପଭୋଗ କରିବା। -(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

# ୧୦ ହଜାର ଅନ୍ତର୍ଜାତୀୟ ରନ ପୂରଣ କଲେ ମିଥାଲି

ଲକ୍ଷ୍ନୌ, ୧୨।୩(ପି.ଟି.)

ଅଭିଜ୍ଞ ଭାରତୀୟ ମହିଳା କ୍ରିକେଟର ମିଥାଲି ରାଜ ଆଉ ଏକ ବିଶ୍ୱସ୍ତରୀୟ ସଫଳତା ହାସଲ କରିଛନ୍ତି। ପ୍ରଥମ ଭାରତୀୟ ମହିଳା କ୍ରିକେଟର ହିସାବରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ୧୦,୦୦୦ ରନ ପୂରଣ କରିଛନ୍ତି। ୩ଟି ଯାକ ଫର୍ମାଟ୍‌କୁ ଦୃଷ୍ଟିରେ ରଖି ସେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ୩୮ ବର୍ଷୀୟ ମିଥାଲି ୩୬ରନ ସଂଗ୍ରହ କରିବା ସହ ଏହି ସଫଳତା ହାସଲ କରିଛନ୍ତି। ଇନିଂସର ୨୮ତମ ଓଭରରେ ଆନ ବୋସ୍କଙ୍କୁ ଚୌକା ମାରିବା ସହ ସେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ମିତାଲିଙ୍କ ପୂର୍ବରୁ ଇଂଲଣ୍ଡର ଚାର୍ଲୋଟ ଏଡ୍‌ୱାର୍ଡ୍ସ ଏକମାତ୍ର ମହିଳା ଖେଳାଳି ଭାବେ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ ୧୦ ହଜାର ରନ ପୂରଣ କରିଥିଲେ। ମିତାଲି ଦିନିକିଆରେ ଭାରତର ନେତୃତ୍ୱ ନେଉଛନ୍ତି। ସେ ୧୦ଟି ଟେଷ୍ଟ ଖେଳି ୬୬୩ ରନ ସଂଗ୍ରହ କରିଥିଲେ। ଟେଷ୍ଟରେ ୨୧୪ ରନ ତାଙ୍କର ଶ୍ରେଷ୍ଠ ବ୍ୟକ୍ତିଗତ ସ୍କୋର। ସେହିପରି ସେ ୨୧୨ଟି ଦିନିକିଆ ଖେଳି ୬୯୭୪ ଓ ୮୯ଟି ଟି୨୦ ଖେଳି ୨୩୬୪ ରନ ସଂଗ୍ରହ କରିଛନ୍ତି। ମୋଟ ଉପରେ ସେ ୧୦୦୦୧ ରନ ସଂଗ୍ରହ କରିଛନ୍ତି।

ଏଥିସହିତ ମିଥାଲିଙ୍କୁ ସବୁ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମିଥାଲି ଏକ ଅସାଧାରଣ ସଫଳତା ହାସଲ କରିଛନ୍ତି ବୋଲି ସଚିନ କହିଛନ୍ତି। ୧୦ ହଜାର ରନ୍ ପୂରଣ କରିବା ପରେ ହିଁ ମିଥାଲି ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ମିଥାଲିଙ୍କୁ ଜଣେ କିମ୍ବଦନ୍ତୀ ମହିଳା କ୍ରିକେଟର କହିଛନ୍ତି। ବିସିସିଆଇ ମଧ୍ୟ ଟୁଇଟ୍ କରି ତାଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛି। ସେହିପରି ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ଟୁଇଟ୍ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୧୯୯୯ ଜୁନ୍‌ରେ ଆୟର୍ଲାଣ୍ଡ ବିପକ୍ଷରେ ସେ ଡେବ୍ୟୁ କରିଥିଲେ। ଟେଷ୍ଟରେ ୪ ଅର୍ଦ୍ଧଶତକ ଓ ଗୋଟିଏ ଶତକ ଅର୍ଜନ କରିଛନ୍ତି। ସେହିପରି ଦିନିକିଆରେ ସେ ୫୪ଟି ଅର୍ଦ୍ଧଶତକ ହାସଲ କରିବା ସହ ୭ଟି ଶତକ ଓ ଟି୨୦ରେ ୧୭ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।


ଟିମ୍‌ମେଟ୍‌ଙ୍କ ସହ କେକ୍ କାଟି ୧୦ ହଜାର ରନ୍ ପୂରଣର ଖୁସି ମନାଉଛନ୍ତି ମିଥାଲି ରାଜ।

# ଝାଡ଼ଖଣ୍ଡଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୨।୩(ସ୍ପୋର୍ଟ୍ସ ବ୍ୟୁରୋ)

ସୁରଟର ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଚାଲିଥିବା ମହିଳା ସିନିୟର ଦିନିକିଆ ଟ୍ରଫିରେ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ଝାଡଖଣ୍ଡଠାରୁ ପରାସ୍ତ ହୋଇଛି। ୧୪ ତାରିଖ ରବିବାର ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ହାଇଦ୍ରାବାଦକୁ ଭେଟିବ। ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୪୬.୪ ଓଭରରେ ୧୫୦ ରନ କରି ଅଲ୍‌ଆଉଟ ହୋଇଥିଲା। ଦଳ ତରଫରୁ ସୁଶ୍ରୀ ଦିବ୍ୟଦର୍ଶିନୀ ୩୨, ରସନାରା ପରବୀନ ୨୬, ସିଜିଜା ମେହେର ୨୪ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଝାଡଖଣ୍ଡ ତରଫରୁ ମମତା ପାସୱାନ, ଦୁର୍ଗା ମୁର୍ମୁ ଓ ସି. ନିହାରିକା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଝାଡଖଣ୍ଡ ୪୨.୧ ଓଭରରେ ୫ ଉଇକେଟ ହରାଇ ୧୫୨ ରନକରି ବିଜୟୀ ହୋଇଥିଲା। ଦଳ ତରଫରୁ ରୁମା ୨୯, ରଶ୍ମି ୨୨ ରନକରି ଆଉଟ ହୋଇଥିବା ବେଳେ ସି. ନିହାରିକା ୨୪ ରନ କରି ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ତରାନା ପ୍ରଧାନ ଓ ରାମେଶ୍ୱରୀ ନାଏକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଆଠମଲ୍ଲିକକୁ ହରାଇ ଫାଇନାଲରେ କୁଚିଣ୍ଡା

ଅନୁଗୋଳ ଅଫିସ, ୧୨।୩

ଅନୁଗୋଳ ଟାଉନ ହାଇସ୍କୁଲ ପଡିଆରେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ଚାଲିଥିବା ୧୦ମ ହେମସୁରପଡା ଫୁଟବଲ କପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ-ବି ସେମିଫାଇନାଲ ମ୍ୟାଚରେ ସମ୍ବଲପୁରର କୁଚିଣ୍ଡା ଟିମ ୨-୦ ଗୋଲରେ ଆଠମଲ୍ଲିକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ୨୮ ମିନିଟରେ ପ୍ରଥମ ଓ ଦ୍ୱିତୀୟାର୍ଦ୍ଧର ୬୩ ମିନିଟରେ କୁଚିଣ୍ଡା ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରାଯାଇଥିଲା। ଆଠମଲ୍ଲିକ ଦଳକୁ ଗୋଲ କରିବାକୁ ସୁଯୋଗ ମିଳିଥିଲେ ମଧ୍ୟ ଖେଳାଳିମାନେ ସକ୍ଷମ ହୋଇ ନ ଥିଲେ। ଫଳରେ କୁଚିଣ୍ଡା ଦଳ ମ୍ୟାଚକୁ ୨-୦ ଗୋଲରେ ଜିତି ନେଇଥିଲା। ପ୍ରଶାନ୍ତ ପାଲ, ସୁରେଶ କୁମାର ଦାଶ ଓ ସଲିଳ ବେହେରା ଖେଳ ପରିଚାଳନା କରିଥିଲେ। ଚତୁର୍ଥ ଅଫିସିଆଲ ଭାବେ ଦୀଲିପ କୁମାର ରାଉତ କାର୍ଯ୍ୟ ତୁଲାଇଥିଲେ। ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦିନେଶ ପ୍ରଧାନ, ଅଜୟ ଦଳବେହେରା, ନିରଞ୍ଜନ ମହାନ୍ତି, ତପନ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବଳରାମ ଜେନା ସଭା ପରିଚାଳନା କରିଥିଲେ।


ଆଠମଲ୍ଲିକ ଓ କୁଚିଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା

**ଜାତୀୟ ସିନିୟର ଟେନିସ କ୍ରିକେଟ**

ଭୁବନେଶ୍ୱର, ୧୨।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୫ମ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ କର୍ଣ୍ଣାଟକକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଶୁକ୍ରବାର ଦ୍ୱିତୀୟ ମ୍ୟାଚରେ ଗୋଆକୁ ପରାସ୍ତ କରିଛି। ଫଳରେ ଓଡ଼ିଶା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଲୋକ ଅଭାବ ଯୋଗୁ ମ୍ୟାଚ ଗୁରୁବାର ଅଧାରୁ ବନ୍ଦ ଥିଲା। ଶୁକ୍ରବାର ଓଡ଼ିଶା ୧୪ ରନରେ ବିଜୟୀ ହୋଇଥିଲା। ସେଞ୍ଚୁରିଅନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୮ ଓଭରରେ ୪ ଉଇକେଟ ହରାଇ ୮୩ ରନ କରିଥିଲା। ଦଳ ପକ୍ଷରୁ ସୌମ୍ୟ ମହାନ୍ତି ସର୍ବାଧିକ ୫୮ ରନ କରିଥିବାବେଳେ ବିପକ୍ଷ ଦଳର ଓଁକାର ୨ଟି ଉଇକେଟ ନେଇଥିଲେ। ୮୪ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ଗୋଆ ୮ ଓଭରରେ ୪ ଉଇକେଟ ହରାଇ ୬୯ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଅନୀଲ ସର୍ବାଧିକ ୩୩ ରନ କରିଥିଲେ। ଓଡ଼ିଶାର ସ୍ୱାଗତ ଚକ୍ର ଓ ସୌମ୍ୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସୌମ୍ୟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ପ୍ରି-କ୍ୱାର୍ଟର ଫାଇନାଲରେ ପଶ୍ଚିମବଙ୍ଗକୁ ଭେଟିବ।

ତୃତୀୟ ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଲାକ୍ଷାଦୀପ ୧୦ ଉଇକେଟରେ ଆସାମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୮ ଓଭରରେ ୮ ଉଇକେଟ ହରାଇ ୫୩ ରନ କରିଥିବାବେଳେ ଲାକ୍ଷାଦୀପ ୫ ଓଭରରେ କୌଣସି ଉଇକେଟ ନ ହରାଇ ୫୭ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳର ମହମ୍ମଦ ରସିକ ଗୋଟିଏ ଉଇକେଟ ନେଇଥିବାବେଳେ ୨୭ ରନ ସ୍କୋର କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଗୁଜରାଟ ୭ ଉଇକେଟରେ ଆନ୍ଧ୍ର ପ୍ରଦେଶ, ଗୋଆ ୭ ଉଇକେଟରେ କର୍ଣ୍ଣାଟକ, ଛତିଶଗଡ଼ ୮ ଉଇକେଟରେ ରାଜସ୍ଥାନ, ମୁମ୍ବାଇ ୨୩ ରନରେ ବିହାର, ତାମିଲନାଡୁ 'ବି' ୨୮ ରନରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ଏଥିସହ ପ୍ରି-କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଏହି ପର୍ଯ୍ୟାୟରେ ମଧ୍ୟପ୍ରଦେଶ-ବିଦର୍ଭ, ଛତିଶଗଡ଼-ଗୋଆ, ମହାରାଷ୍ଟ୍ର-ହରିୟାଣା, ପଣ୍ଡିଚେରୀ-ଝାଡ଼ଖଣ୍ଡ, ତାମିଲନାଡୁ-ଗୁଜରାଟ, ଡାମନ-ଲାକ୍ଷାଦ୍ୱିପ ଓ କେରଳ-ମୁମ୍ବାଇ ମଧ୍ୟରେ ମୁକାବିଲା ହେବ।


ସୌମ୍ୟ ମହାନ୍ତି

# ବିଏମ୍‌ଏସ୍‌ସିର ବିଜୟ ଅଭିଯାନ

**ବିଜୟଅଜିତ ଚାମ୍ପିୟନ୍ସ ଟ୍ରଫି ଉଦ୍‌ଘାଟିତ**

ଭୁବନେଶ୍ୱର, ୧୨।୩(କ୍ରୀଡ଼ା ପ୍ରତିନିଧି)

ଦିବଂଗତ ସିନେତାରକା ବିଜୟ ମହାନ୍ତି ଏବଂ ଅଜିତ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭୁବନେଶ୍ୱର ବ୍ଲାଷ୍ଟର୍ସ ଆନୁକୂଲ୍ୟରେ ଶୁକ୍ରବାର ସହିଦ ସ୍ପୋର୍ଟିଂ ପଡ଼ିଆରେ ବିଜୟଅଜିତ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଭୁବନେଶ୍ୱର ମିଡିଆ ସ୍ପୋର୍ଟ୍ସ କ୍ଲବ (ବିଏମ୍‌ଏସ୍‌ସି) ଆୟୋଜକ ଭୁବନେଶ୍ୱର ବ୍ଲାଷ୍ଟର୍ସକୁ ହରାଇ ଅଭିଯାନ ଆରମ୍ଭ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବିଏମ୍‌ଏସ୍‌ସି ୧୦ ଓଭରରେ ୩ ଉଇକେଟ ହରାଇ ୧୩୨ ରନ କରିଥିଲା। ଦଳ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ଲେଙ୍କା ସର୍ବାଧିକ ୬୨ ରନ କରିଥିଲେ। ଜବାବରେ ଭୁବନେଶ୍ୱର ବ୍ଲାଷ୍ଟର୍ସ ପୂରା ୧୦ ଓଭର ଖେଳିଥିଲେ ହେଁ ୫ ଉଇକେଟ ହରାଇ ୧୧୧ ରନ କରିବାକୁ ସକ୍ଷମ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚରେ ଉତ୍କଳ ୟୁନିଭର୍ସିଟି ପ୍ରଫେସର୍ସ ଏକାଦଶକୁ କର୍ପୋରେଟ କ୍ରିକେଟ କ୍ଲବ (ସିସିସି) ୧୦ ଉଇକେଟରେ ହରାଇ ଦେଇଛି। ୟୁନିଭର୍ସିଟି ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୬୨ ରନ କରିଥିଲା। ଜବାବରେ ସିସିସି କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଟିକୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚଗୁଡ଼ିକୁ ଜୟ ସାମନ୍ତ, ରାକେଶ ବାରିକ, ରମେଶ ରାଉତ, ଜ୍ୟୋତି ପ୍ରମୁଖ ପରିଚାଳନା କରିଥିଲେ। ଅଜିତ ଦାସଙ୍କ ପତ୍ନୀ ମାୟା ଦାସ, ପ୍ରତିଷ୍ଠିତ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ୩ ଦିନଧରି ଚାଲିବ।





ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ। ପ୍ରଥମ ମ୍ୟାଚ୍‌ରେ ବିଜୟୀ ଭୁବନେଶ୍ୱର ମିଡିଆ ସ୍ପୋର୍ଟ୍ସ କ୍ଲବ୍‌ର ଖେଳାଳି ଓ କର୍ମକର୍ତ୍ତାମାନେ।

## ବର ଶୋଭାଯାତ୍ରାରେ ମାରପିଟ ଘଟଣା, ୪ ଗିରଫ

କଟକସଦର,(ଡି.ଏନ୍.ଏ.)- ୪୨ମୌଜା ଫାଣ୍ଡି ଅନ୍ତର୍ଗତ କଦମପଡ଼ା ଗ୍ରାମରେ ବର ଶୋଭାଯାତ୍ରାରେ ମାରପିଟ ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ବାବୁ ସ୍ୱାଇଁ, ଶୁଭରଞ୍ଜନ ସ୍ୱାଇଁ, ସୌମ୍ୟରଞ୍ଜନ ସ୍ୱାଇଁ, କିଷନ ରାଉତ। ଏ ନେଇ କଟକସଦର ଥାନାରେ ନଂ.୧୩୫/୨୧ରେ ମାମଲା ରୁଜୁ ହୋଇଛି। ଗତ ୩ତାରିଖରେ ଶଙ୍କରପୁର ଏକ ବର ଶୋଭାଯାତ୍ରା ଆସୁଥିବାବେଳେ ନୃତ୍ୟକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା।



## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକାକରଣ

ବାଙ୍କୀ,୧୨।୩(ବି.ପ୍ର.)-ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବରିଷ୍ଠ ନାଗରିକମାନଙ୍କୁ ଟିକାକରଣ କରାଯାଇଛି। ଏହି ଅବସରରେ ୧୬୩ଜଣ ବରିଷ୍ଠ ନାଗରିକ ଓ ୫ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ କୋଭିଡ୍ ଟିକା ଦିଆଯାଇଥିଲା। ଡାକ୍ତର ବିଶ୍ୱଜିତ୍ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଲଏଚ୍ଭି ସବିତା ରାଣୀ ସ୍ୱାଇଁ, ଫାର୍ମାସିଷ୍ଟ ଉମାକାନ୍ତ ସ୍ୱାଇଁ, ଏଏନଏମ୍ ରାଧାରାଣୀ ସାହୁ, ଡିଇଓ ଦୀପକ ଗୋଛି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କ ବିବୃତିକୁ ନିନ୍ଦା

କଟକ ଅଫିସ, ୧୨।୩: ଅଲ୍ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଖାନନଗରର ଜଗନ୍ନାଥ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରତ୍ନ କୁମାର ଖୁଣ୍ଟିଆ ଅଧକ୍ଷତା କରିଥିଲେ। ୨୦୧୩ରେ ଖୋସୟାରୀ କମିଟି ଇପିଏଫ ପେନସନ ବୃଦ୍ଧି ଲାଗି କରିଥିବା ସୁପାରିସକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ସମ୍ବଳ ଅଭାବର ଆଳ ଦେଖାଇ କେନ୍ଦ୍ର ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱର ରାଜ୍ୟ ସଭାରେ ମତ ରଖିଥିଲେ। ଏହାକୁ ଉକ୍ତ ବୈଠକରେ ନିନ୍ଦା କରାଯାଇଛି। ଦେଶରେ ଥିବା ୬୬ଲକ୍ଷ ଇପିଏଫ ପେନସନଭୋଗୀ ମାସିକ ୩ଶହରୁ ୩ହଜାର ଟଙ୍କା ମଧ୍ୟରେ ପେନସନ ପାଉଛନ୍ତି। ୨୦୧୪ରେ କେନ୍ଦ୍ର ସରକାର ଇପିଏଫ୍ ପେନସନଭୋଗୀଙ୍କ ପାଇଁ ସର୍ବନିମ୍ନ ପେନସନ ୧ ହଜାର ଟଙ୍କା ଧାର୍ଯ୍ୟ କରିଥିଲେ ମଧ ତାହା ସମସ୍ତଙ୍କୁ ମିଳିପାରି ନାହିଁ। ସର୍ବନିମ୍ନ ପେନସନ ବୃଦ୍ଧି ପାଇଁ କେନ୍ଦ୍ରମନ୍ତ୍ରୀ ଜାଭେଡକରଙ୍କ ଦରଖାସ୍ତକୁ ବିଚାର କରି ରାଜ୍ୟସଭା ପିଟିଶନ କମିଟି ଅଧକ୍ଷ ଭଗତ ସିଂ ଖୋସୟାରୀ ଇପିଏଫ ପେନସନ ସର୍ବନିମ୍ନ ୩ହଜାର ଟଙ୍କାକୁ ବୃଦ୍ଧି କରିବା ସହ ମହଙ୍ଗା ଭତ୍ତା ଦେବାକୁ ସୁପାରିସ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, କସ୍ତୁରୀ ଚରଣ ସୁବୁଦ୍ଧି, ଶ୍ରୀଧର ମିଶ୍ର, ମୁରଲୀଧର ବେହେରା, ଜର୍ମାନ ରାୟ, ରବୀନ୍ଦ୍ର ପରିଡା, ଅଶୋକ ରାଉତରାୟ, ବୁଲେଇ ବେହେରା, ଦୁଷ୍ମନ୍ତ ଦାସ ଓ ଅଗାଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସଫା କଲେ କ୍ୟାଡେଟ

କଟକ ଅଫିସ,୧୨।୩- ଦେଶ ସ୍ୱାଧୀନତାର ୭୫ବର୍ଷ ପାଳନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏନ୍ସିସି ନିର୍ଦ୍ଦେଶାଳୟ ଓଡ଼ିଶା ଏବଂ କଟକ ଏନ୍ସିସି ଗ୍ରୁପ୍ ପକ୍ଷରୁ ନୂଆପାଟଣାସ୍ଥିତ ଶହୀଦ ପାର୍କରେ ଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତି ସଫା କରାଯାଇଛି। ଏନ୍ସିସି କ୍ୟାଡେଟମାନେ ମହାତ୍ମା ଗାନ୍ଧୀ, ଦିବାକର ପରିଡା, ରଘୁନାଥ ମହାନ୍ତି, ବକ୍ସି ଜଗବନ୍ଧୁ, ଭଗତ ସିଂ, ବୀର ସୁରେନ୍ଦ୍ର ସାଏ, ବାଘା ଯତୀନ୍, ବୀର ଲକ୍ଷ୍ମଣ ନାୟକ, ଜୟୀ ରାଜଗୁରୁ, ଚାଖି ଖୁଣ୍ଟିଆ ଏବଂ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ସଫା କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ସଂଗ୍ରାମୀମାନଙ୍କ ଅବଦାନକୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରୁପ୍ କମାଣ୍ଡର, ଏନ୍ସିସି ଗ୍ରୁପ୍ କମାଣ୍ଡିଂ ଅଫିସର ପ୍ରମୁଖ ଉପସ୍ଥିତ ଥିଲେ।

### କ୍ଷେତ୍ର ଦିବସ ପାଳନ

ସାଲେପୁର,୧୨।୩(ଡି. ଏନ.ଏ)- ସାଲେପୁର ବ୍ଲକ ଆତ୍ମା କମିଟି ପକ୍ଷରୁ ବହୁଗ୍ରାମ ପଞ୍ଚାୟତସ୍ଥିତ ଜମାଲ ପୁରରେ କ୍ଷେତ୍ର ଦିବସ ପାଳନ କରାଯାଇଛି। ଏହି ଅବସରରେ ଡାଲି ଚାଷର ଉପାଦେୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏନେଇ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାଲେପୁର ବ୍ଲକ ଆତ୍ମା କମିଟି ସଭାପତି ଦିଲୀପ ଦାଶ ଯୋଗଦେଇ ଚାଷ ଓ ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଥିବା କହିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର କୁମାର ଖଟୁଆ, ବିଦ୍ୟାଶ୍ରୀ ତ୍ରିପାଠୀ, ନିହାର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ।

### ଉଦୟନାଥଙ୍କ ମନ୍ଦିରର ଶିଳାନ୍ୟାସ

ବାରଙ୍ଗ,୧୨।୩(ଡି.ଏନ୍.ଏ.)- ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ପଞ୍ଚାୟତର ସୁନ୍ଦରପୁରର ଉଦୟନଗରରେ ହେବାକୁ ଯାଉଥିବା ଉଦୟନାଥଙ୍କ ମନ୍ଦିର ନିର୍ମାଣ ପାଇଁ ମହାଶିବରାତ୍ରିଦିନ ଶିଳାନ୍ୟାସ କରାଯାଇଛି। ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ଦିରର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଆସନ୍ତାବର୍ଷ ଜାଗର ପୂର୍ବରୁ ମନ୍ଦିର କାର୍ଯ୍ୟ ସମ୍ପନ୍ନ, ଉଦୟନଗରର ସମସ୍ତ ରାସ୍ତାକୁ କଂକ୍ରିଟ କରିବା, ସମସ୍ତ ବିଦ୍ୟୁତ୍ଖୁଣ୍ଟରେ ଷ୍ଟ୍ରିଟ୍ଲାଇଟ ଲଗାଇବାକୁ ନେଇ ଉଦୟନଗରବାସୀନ୍ଦା ବିଧାୟକଙ୍କ ନିକଟରେ ଦାବି କରିଥିଲେ। ଏ ନେଇ ବିଧାୟକ ଗ୍ରାମବାସୀଙ୍କ ଦାବି ପ୍ରତି ଗୁରୁତ୍ୱ ଦେଇ ଖୁବଶୀଘ୍ର କାର୍ଯ୍ୟ ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଚିକିତ୍ସା ଅବହେଳାରୁ ନବଜାତ ଶିଶୁଙ୍କ ମୃତ୍ୟୁ

**ବାଙ୍କୀ,୧୨।୩(ସ୍ୱ.ପ୍ର.)**

- ମୃତଦେହ ରଖି ପରିବାର ଲୋକଙ୍କ ରାସ୍ତାରୋକୋ
- ଥାନାରେ ମାମଲା ରୁଜୁ

ବାଙ୍କୀ ଥାନା ଅନ୍ତର୍ଗତ ଦୁର୍ଗା ଟକିଜ ନିକଟ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସା ଅବହେଳା ଯୋଗୁ ନବଜାତ ଶିଶୁଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ପରିବାର ଲୋକେ ସମ୍ପୃକ୍ତ ନର୍ସିଂହୋମ ସମ୍ମୁଖ ବାଙ୍କୀ-ଖୋର୍ଦ୍ଧା ରାସ୍ତାକୁ ଅବରୋଧ କରିଥିଲେ। ସେଠାରେ ଶିଶୁର ମୃତଦେହ ରଖି ଧାରଣା ଦେଇଥିଲେ।

ଏଥିସହ ମୃତ ଶିଶୁଙ୍କ ପିତା ବ୍ଲକ ଅନ୍ତର୍ଗତ କିଆପଲା ପଞ୍ଚାୟତର ବିକାଶ କୁମାର ବାରିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ.୫୮/୨୧) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ବିକାଶ ସ୍ତ୍ରୀଙ୍କ ପ୍ରସୂତି ନିମନ୍ତେ ମଙ୍ଗଳବାର ବାଙ୍କୀ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ପ୍ରସୂତି ନିମନ୍ତେ କୌଣସି ସୁବିଧା ନ ଥିବା କହିଥିଲେ। ଏହାପରେ ସେ ସ୍ତ୍ରୀଙ୍କୁ ନେଇ ଉକ୍ତ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ମାତ୍ର ଗୁରୁବାର ନବଜାତ ଶିଶୁଟି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ତାକୁ ତୁରନ୍ତ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଛି। ଜନ୍ମପରେ ଶିଶୁ ପ୍ରତି ଅବହେଳା କରାଯାଇଥିବା ଅଭିଯୋଗ କରି ନର୍ସିଂହୋମ ବିରୋଧରେ ପରିବାର ସଦସ୍ୟ କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣା ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଥାନା ଏସ୍.ଆଇ ସୂର୍ଯ୍ୟାଂଶୁ ପାଢ଼ୀ କହିଛନ୍ତି।



ମୃତ ଶିଶୁଙ୍କ ପରିବାର ସଦସ୍ୟ ବାଙ୍କୀ-ଖୋର୍ଦ୍ଧା ରାସ୍ତା ଅବରୋଧ କରିଛନ୍ତି।

# 'ସବୁ ପରିବହନ କାର୍ଯ୍ୟାଳୟ ଏବେ ଦଲାଲମୁକ୍ତ'

**କଟକ ଅଫିସ, ୧୨।୩:**

ଶିଖରପୁରସ୍ଥିତ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ସଡ଼କ ସୁରକ୍ଷା ଜୀବନ ରକ୍ଷା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ସଂଘର ନୂତନ କାର୍ଯ୍ୟାଳୟ ଓ କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ମନ୍ତ୍ରୀ ବେହେରା କହିଛନ୍ତି, ଦୁର୍ଘଟଣା ମାମଲାରେ ଦେଶରେ ଏବେ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି। ମଦ୍ୟପାନ କରି, ମୋବାଇଲ ଫୋନରେ ଗପି ଓ ଦ୍ରୁତ ଗତିରେ ଗାଡ଼ି ଚଳାଇବା ହିଁ ଏହାର ମୁଖ୍ୟ କାରଣ। ପରିବହନ ବିଭାଗ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି। ଫଳରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବେ ଦଲାଲମୁକ୍ତ ହୋଇପାରିଛି। ଏହି ଅବସରରେ ପରିବହନ କମିଶନର ସଞ୍ଜୀବ ପଣ୍ଡା କହିଥିଲେ, ରାଜ୍ୟରେ ପ୍ରତିବର୍ଷ ୫୦୦୦ରୁ ଊର୍ଦ୍ଧ୍ୱ ଲୋକ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଟ୍ରାଫିକ ନିୟମ ପାଳନ ସହ ସଚେତନ ହେଲେ ଦୁର୍ଘଟଣା ହାର କମିପାରିବ। ସେହିପରି କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ କହିଥିଲେ, ଟ୍ରାଫିକ ନିୟମକୁ ଡିସ୍‌ପ୍ଲେ ଓ ଡାକବାଜି ଯନ୍ତ୍ର ଜରିଆରେ ସଚେତନ କରାଗଲେ ଦୁର୍ଘଟଣା ହାର ରୋକାଯାଇପାରିବ। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଭାପତି ଶରତ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ରବି ନାରାୟଣ ଶତପଥୀ, ପ୍ରମୋଦ ପାତ୍ର, କାହ୍ନୁ ଚରଣ ମହାପାତ୍ର, ଭରତ ଚନ୍ଦ୍ର ପ୍ରଧାନ, ପ୍ରତାପ କୁମାର ସ୍ୱାଇଁ, ଦେବେନ୍ଦ୍ର ସ୍ୱାଇଁ, ସୁକାନ୍ତ କୁମାର ଜେନା, ରଜତ ମହାନ୍ତି, ରାଜ କିଶୋର ମହାନ୍ତି, ଅଜୟ ମହାନ୍ତି, ବିକ୍ରମ ମହାନ୍ତି, ବିମଳ ମହାନ୍ତି, ହାଡିବନ୍ଧୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କଟକ ସରକାରୀ ବସ୍‌ଷ୍ଟାଣ୍ଡରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ, ୧୨।୩:**

ବାଦାମବାଡ଼ି ସରକାରୀ ବସ୍‌ଷ୍ଟାଣ୍ଡରେ ଓଏସ୍‌ଆର୍‌ଟିସି ପକ୍ଷରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି କାର୍ଯ୍ୟରେ ଗୋଟିଏ ଡୋଜର, ଦୁଇଟି ଟ୍ରାକ୍ଟର ସମେତ ୧୦ଜଣ ବ୍ୟକ୍ତିଙ୍କୁ ନିୟୋଜିତ କରାଯାଇଥିଲା। ଏସିପି ଶୁଭନାରାୟଣ ମୁଦୁଲି, ବାଦାମବାଡ଼ି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ସମେତ ୨ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଓଏସ୍‌ଆର୍‌ଟିସିର ସିଏମ୍‌ଡି ଅରୁଣ ବୋଥ୍ରା କହିଛନ୍ତି, ଜବରଦଖଲକାରୀ ବହୁ ଦିନରୁ ଏଠାରେ ଜାଗା ମାଡ଼ିବସି ବେପାର କରୁଛନ୍ତି। ଆମର ଏଠାରେ ୧୭ଟି ଦୋକାନ ଘର ରହିଛି। ଏହି ଦୋକାନ ଘର ନେଇ ବ୍ୟବସାୟ କରିବା ପାଇଁ ଜବର ଦଖଲକାରୀଙ୍କୁ କୁହାଯାଇଥିଲା। ମାତ୍ର ସେମାନେ ଦୋକାନ ଘର ନେବା ପରିବର୍ତ୍ତେ ଜୋର ଜବରଦସ୍ତ ଭାବେ ବେପାର କରିଆସୁଥିଲେ। ଫଳରେ କର୍ପୋରେଶନର ଲକ୍ଷ ଲକ୍ଷ ଟଙ୍କା ହାନି ହୋଇଛି। ଏପରି କି ବସ୍ ଯାତାୟାତରେ ମଧ ସମସ୍ୟା ସୃଷ୍ଟି ହେଉଥିଲା। ସେଠାରୁ ଉଠିଯିବା ପାଇଁ ଆମେ ସେମାନଙ୍କୁ ନୋଟିସ୍ ଦେଇଥିଲୁ। ସେମାନେ ଏହି ନୋଟିସ୍‌କୁ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିବା ସହ ଷ୍ଟେ ଅର୍ଡର ଆଣିଥିଲେ। ଗତ ୩ଦିନ ତଳେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଷ୍ଟେ ଅର୍ଡର ଉଠାଇ ଦେଇଥିଲେ। ଏହାପରେ ଶନିବାର ଜବର ଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି।

# ଜନ୍ମେଜୟପୁରରେ ଅଦ୍ୱିକା କାର୍ଯ୍ୟକ୍ରମ

**କଟକ ଅଫିସ, ୧୨।୩:**

ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଜନ୍ମେଜୟପୁର ଓ ଖୁନୁକା ଅଙ୍ଗନୱାଡ଼ି କେନ୍ଦ୍ରର କିଶୋରୀ ବାଳିକାଙ୍କୁ ନେଇ ଶୁକ୍ରବାର ଅଦ୍ୱିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଳିକାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଆୟୋଜନ ସହ କନ୍ୟାଭ୍ରୂଣ ହତ୍ୟା ରୋକିବା ପାଇଁ ନାଚ ଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ସିଡିପିଓ ଖୁଲଣା ସାହୁ, ସୁପରଭାଇଜର ସରୋଜିନୀ ପଟ୍ଟନାୟକ, ସରପଞ୍ଚ ରଶ୍ମିତା ସାହୁ, ସମିତିସଭ୍ୟ ମହେଶ୍ୱର ଦାସ, ୱାର୍ଡ ସଭ୍ୟ ଧିରେନ୍ଦ୍ର ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କିଶୋରୀ ବାଳିକାମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଙ୍ଗନୱାଡ଼ି କର୍ମୀ ପୁଷ୍ପାଞ୍ଜଳି ମହାନ୍ତି, ସଙ୍ଗୀତା ଦାଶ, ଲକ୍ଷ୍ମୀପ୍ରିୟା ବାରିକ, କୁନି ମହାରଣା, ଆଶାକର୍ମୀ ଗୌରୀ ଭୋଇ ପ୍ରମୁଖ ପରିଚାଳନା କରିଥିଲେ। ଯାଞ୍ଚ କମିଟି ସଭାପତି ତ୍ରିନାଥ ଦାସ ଧନ୍ୟବାଦ ଦେଇଥିଲେ।

# ସମସ୍ୟା ଦୂର ପାଇଁ ସିଡିଏ ସଚିବଙ୍କୁ ଦାବିପତ୍ର



ସ୍ମାରକପତ୍ର ଦେବାକୁ ଆସିଥିବା ସିଡିଏ ସେକ୍ଟର-୧୩ ଆବାସିକ ସଂଘ ପ୍ରତିନିଧିମାନେ।

**କଟକ ଅଫିସ, ୧୨।୩**

ସିଡିଏ ସେକ୍ଟର-୧୩ ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଉକ୍ତ ଅଞ୍ଚଳରେ ଷ୍ଟ୍ରିଟ୍‌ଲାଇଟ ନ ଥିବାବେଳେ ସମସ୍ତ ଅଞ୍ଚଳରେ ବିଦ୍ୟୁତ୍ ତାର, ଖୁଣ୍ଟ ଓ ଟ୍ରାନ୍ସଫର୍ମର ବସି ନାହିଁ। ରାସ୍ତାଗୁଡ଼ିକ ଅଧାପନ୍ତରିଆ ହୋଇ ପଡ଼ିରହିଛି। ସ୍ୱରେଜ୍ ଓ ଡ୍ରେନେଜ୍ କାର୍ଯ୍ୟ ମଧ ଅଧାରେ ଅଟକିଛି। ଏଥିସହ ଅନ୍ୟ ସେକ୍ଟର ସହିତ ସଂଯୋଗ ରାସ୍ତା ନାହିଁ ବୋଲି ସିଡିଏ ସେକ୍ଟର-୧୩ ଆବାସିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ସଂଘର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ସିଡିଏ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଆସନ୍ତା ୮ଦିନ ମଧ୍ୟରେ ଉକ୍ତ ସମସ୍ୟା ଦୂର ନ ହେଲେ ସିଡିଏ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ତାଳଦଣ୍ଡା କେନାଲ ବସ୍ତି ଉଚ୍ଛେଦ ଘୋଷଣାକୁ ବିରୋଧ




କଟକ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କଟକ ଅଫିସ, ୧୨।୩**

**ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ**

ତାଳଦଣ୍ଡା କେନାଲ ପାର୍ଶ୍ୱ ବସ୍ତିବାସିନ୍ଦାଙ୍କୁ ଥଇଥାନ ନ କରି ବିନା ନୋଟିସରେ ବସ୍ତି ଉଚ୍ଛେଦ ଘୋଷଣାକୁ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ବିରୋଧ କରିଛି। ଏ ନେଇ ମଞ୍ଚ ପକ୍ଷରୁ ଶୁକ୍ରବାର ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ୬ଦଫା ସମ୍ବଳିତ ଏକ ସ୍ମାରକପତ୍ର ସିଏମ୍‌ସି କମିଶନରଙ୍କୁ ଦିଆଯାଇଛି।

ଥଇଥାନ ବ୍ୟବସ୍ଥା ବିନା ତାଳଦଣ୍ଡା କେନାଲ ପାର୍ଶ୍ୱ ବସ୍ତି ଉଚ୍ଛେଦ ବନ୍ଦ କରାଯିବା ଓ ସେମାନଙ୍କ ଜୀବିକା ସୁନିଶ୍ଚିତ କରିବାକୁ ଦାବି ହୋଇଛି। ଏଥିସହ ଉକ୍ତ ବସ୍ତି ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବଳଭଦ୍ରପୁର, ରାଣୀହାଟ ଓ ରେଲୱେ ସେଟଲମେଣ୍ଟ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଠପଢା ସେହି ସ୍କୁଲଗୁଡ଼ିକରେ ସୁନିଶ୍ଚିତ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ବାମପନ୍ଥୀ ନେତା ବିଶ୍ୱାବସୁ ଦାସ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ବସ୍ତିନେତା ଦୀପକ ଦାସ, ସସ୍ମିତା ମହାନ୍ତି, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି, ବିଷ୍ଣୁ ନାୟକ, ପୁଷ୍ପା ବେହେରା ପ୍ରମୁଖ ସିଏମ୍‌ସି କମିଶନରଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ରାସ୍ତା ମରାମତି କଲେ ଗ୍ରାମବାସୀ

**ବାରଙ୍ଗ,୧୨।୩(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ଗୁଆକୋଲିମୁଣ୍ଡିଆ ଭୋଇସାହି ଗ୍ରାମର ମୁଖ୍ୟରାସ୍ତାଟି ଦୀର୍ଘଦିନ ହେବ ଦୟନୀୟ ହୋଇପଡ଼ିଥିଲା। ଏ ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ ମଧ କୌଣସି ସମାଧାନ ହୋଇ ନ ଥିଲା। ଫଳରେ ବାଧହୋଇ ଗ୍ରାମବାସୀ ଶୁକ୍ରବାର ନିଜ ଉଦ୍ୟମରେ ରାସ୍ତାର ମରାମତି କରିଛନ୍ତି। ସୂଚନାଯୋଗ୍ୟ, ରାମଦାସପୁର ପଞ୍ଚାୟତର ଗୁଆକୋଲିମୁଣ୍ଡିଆ ଭୋଇସାହି ଗ୍ରାମ ରାସ୍ତାରେ ଗୋଡ଼ି ଉଠି ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ତ୍ରିଶୂଳିଆ ବାଙ୍କୀ ମୁଖ୍ୟ ରାସ୍ତାର ହାଡ଼ବାଇ ଛକଠାରୁ ଅଙ୍ଗନୱାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର ହେବ ଗ୍ରାମକୁ ସଂଯୋଗ କରିଥିବା ମୁଖ୍ୟରାସ୍ତା ବଡ଼ବଡ଼ ଖାଲଖମାରେ ପରିପୂର୍ଣ୍ଣ ହୋଇ ଯାଇଥିଲା। ଫଳରେ ଯାତାୟାତରେ ଗ୍ରାମବାସୀଙ୍କ ପାଇଁ ବାଧକ ସାଜିବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ଏ ସମ୍ପର୍କରେ ଗ୍ରାମବାସୀ ଲୋକ ପ୍ରତିନିଧିମାନଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିବାବେଳେ କେବଳ ଆଶ୍ୱାସନା ମିଳିଥିଲା। ଏହି ଗ୍ରାମର ପ୍ରାୟତଃ ସବୁ ଦିନମଜୁରିଆ ହୋଇଥିବାବେଳେ ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଉ ନ ଥିବା କହି ଅସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ଗ୍ରାମବାସୀ କ୍ଷୋଭ କରିବା ସହ ନିଜ ଉଦ୍ୟମରେ ରାସ୍ତା ମରାମତି କରିବାକୁ ନିଷ୍ପତ୍ତି କରିଥିଲେ। ଶୁକ୍ରବାର ଗ୍ରାମବାସୀ ଏକାଠି ହୋଇ ନିଜ କାମ ବନ୍ଦ କରି ଖାଲଖମା ସ୍ଥାନରେ ମାଟି ପକାଇ ସମତଳ କରିବା ସହ ପାଣି ପକାଇଥିବାର ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ଏଭଳି କାର୍ଯ୍ୟକୁ ନେଇ ବାରଙ୍ଗ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ଜଙ୍ଗଲ ନିଆଁକୁ ନେଇ ସଚେତନତା

**ଚୌଦ୍ୱାର,୧୨।୩(ଡି.ଏନ୍.ଏ.):**

ବିଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବାରୁ ସରକାର ପାଇଁ ଚିନ୍ତା ବଢ଼ିଯାଇଛି। ଏହା ମଧ୍ୟରୁ କିଛି ଲାଗୁଥିବା ନିଆଁ ମନୁଷ୍ୟକୃତ ବୋଲି ବନ ବିଭାଗ ତଥା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଉଛି। ପରିବେଶ ଉପରେ ଜଙ୍ଗଲର ଗୁରୁତ୍ୱ କେତେ ରହିଛି ଓ ଜଙ୍ଗଲକୁ ସୁରକ୍ଷା ଦେବା ନେଇ ମଙ୍ଗରାଜପୁର ବନ ବିଭାଗର ଫରେଷ୍ଟର ମାଣିକ ମୁଣ୍ଡା, ବେରେଣାସ୍ଥିତ ମା'ଖଣ୍ଡରେଇ ବନ ସୁରକ୍ଷା ସମିତି ସଦସ୍ୟ ଗମନ କଳା, ସରପଞ୍ଚ ରାମଚନ୍ଦ୍ର ହେଁସା, ସତ୍ୟବ୍ରତ ସାମଲଙ୍କ ନେତୃତ୍ୱରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମେତ ଆଠଗଡ଼ ବନଖଣ୍ଡର ବିଭିନ୍ନ ବନ ସୁରକ୍ଷା କମିଟିର କର୍ମକର୍ତ୍ତା ଯୋଗଦେଇ ବାଇକ୍ ଯୋଗେ ଗାଁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରାଇବା ସହ ହାତରେ ପ୍ଲାକାର୍ଡ ଓ ଜଙ୍ଗଲୀ ଗୀତ ମାଧ୍ୟମରେ ଲୋକମାନଙ୍କୁ ଜଙ୍ଗଲ ସୁରକ୍ଷା ଉପରେ ଅବଗତ କରାଇଥିଲେ। ଜଙ୍ଗଲରେ ନିଆଁ ଲାଗିଲେ ଜଙ୍ଗଲି ଜନ୍ତୁମାନେ ନିଆଁ ଭୟରେ ଗାଁ ଭିତରକୁ ପଶିଆସୁଛନ୍ତି। ବନ ବିଭାଗ ତରଫରୁ ବହୁ ଅନୁଷ୍ଠାନର ସଦସ୍ୟମାନେ ଲୋକମାନଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଇବା ସହ ମନୁଷ୍ୟକୃତ ନିଆଁ ପରିବେଶ ପାଇଁ କ୍ଷତିକାରକ ହେବା ସହିତ ଜୀବଜନ୍ତୁଙ୍କ ଜୀବନ ନେଉଥିବାରୁ ଏଥିରୁ ନିବୃତ ରହିବା ପାଇଁ ଲୋକମାନଙ୍କୁ ବୁଝାଇଥିଲେ।

# ମୋରମ ଖୋଳାକୁ ନେଇ ତାତିଲେ ଗ୍ରାମବାସୀ

**ଚୌଦ୍ୱାର,୧୨।୩(ଡି.ଏନ୍.ଏ):**

ଚୌଦ୍ୱାର ଥାନାଠାରୁ ମାତ୍ର ୫କ.ମି ତଥା ୫୫ନଂ ଜାତୀୟ ରାଜପଥ କଡ଼ରେ ଥିବା ଇନ୍ଦ୍ରାଣୀପାଟଣା ପଞ୍ଚାୟତର ପାହାଡ଼ରୁ ଦିନରାତି ମୋରମ ଖୋଳା ଚାଲିଛି। ଦୈନିକ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ହାଇୱା ଯୋଗେ ମୋରମ କଢ଼ାଯାଉଛି। ଦିନତମାମ ଏଭଳି କାର୍ଯ୍ୟ ଚାଲୁରହିଥିଲେ ହେଁ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ସାଧାରଣରେ ମୋରମ ଖୋଳାଯାଇ ୫୫ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ସ୍ଥାନୀୟ ଗ୍ରାମବାସୀ କହୁଥିବାବେଳେ ଏହା ବେଆଇନ ଚାଲାଣ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ ସରୋଜ ପ୍ରଧାନଙ୍କ କହିବାନୁଯାୟୀ ମୋରମ ବାହାର କରୁଥିବା ଠିକା ସଂସ୍ଥା ବେଆଇନ ଭାବେ ଗ୍ରାମ ପାହାଡ଼କୁ ତାଡୁଛନ୍ତି। ଯାହା ଫଳରେ ଧୀରେ ଧୀରେ ପାହାଡ଼ ସମ୍ପୂର୍ଣ୍ଣ ଲୋପ ପାଇବାକୁ ବସିଲାଣି। ଏ ନେଇ ଗ୍ରାମବାସୀଙ୍କ ତରଫରୁ ଟାଙ୍ଗୀ -ଚୌଦ୍ୱାର ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହାକୁ ବିରୋଧ କରି ଶୁକ୍ରବାର ମୋରମ ଖୋଳା ଯାଉଥିବା ସ୍ଥାନରେ ଗ୍ରାମବାସୀ ପହଞ୍ଚି ଲୋଡ୍ ହେବା ପାଇଁ ଥିବା ୪ଟି ହାଇୱା ଓ ଏକ ମେଶିନକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଟିପିଏମ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱାଗୁଡ଼ିକୁ ଜବତ କରି ଥାନାକୁ ନେଇଥିଲେ। ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଥାନାରେ ଖତ ଖାଉଛି ୧୦ ହଜାରରୁ ଊର୍ଦ୍ଧ୍ୱ ଗାଡ଼ି

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ଭୁବନେଶ୍ୱର କମିଶନରେଟ ପୋଲିସର ବିଭିନ୍ନ ଥାନାରେ ଖତ ଖାଉଛି ଜବତ ଗାଡ଼ି। ୧୦ ହଜାରରୁ ଊର୍ଦ୍ଧ୍ୱ ବାଇକ, କାର, ଟ୍ରକ ଆଦି ଖରାବର୍ଷା ଖାଇ ନଷ୍ଟ ହେଉଥିବାରୁ ଏହା ହାଇକୋର୍ଟଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ହେଉଛି। ମଞ୍ଚେଶ୍ୱର ଥାନାରେ ୧୦ବର୍ଷ ହେଲା ଜବତ ଗାଡ଼ି ପଡିରହିଛି। ଥାନା ପଛପଟେ ପ୍ରାୟ ୧ହଜାର ବାଇକ, କାର, ବସ, ଟ୍ରକ, ସାଇକେଲ ଗଦାହୋଇ ରହିଛି। ଅଧିକାଂଶ କଳଙ୍କି ଲାଗି ଯାଇଥିବାବେଳେ ଆଉ କିଛି ମାଟିରେ ମିଶିଗଲାଣି। ଏୟାରଫିଲ୍ଡ, ଖଣ୍ଡଗିରି, ଶହୀଦନଗର ଥାନାରେ ସମାନ ଦୃଶ୍ୟ ଦେଖିବାକୁ ମିଳୁଛି। ଯଦି କେହି ଯାନ ମାଲିକ ବା ବୀମା କମ୍ପାନୀ ଦାବି ନ କରନ୍ତି, ତାହାକୁ ମାଜିଷ୍ଟ୍ରେଟଙ୍କ ଅନୁମତି ନେଇ ନିଲାମ କରାଯିବା କଥା। କିନ୍ତୁ ତାହା କରାଯାଉନାହିଁ। ଫଳରେ ଏହି ଗାଡିଗୁଡିକ କେବଳ ନଷ୍ଟ ହେଉନାହିଁ ବରଂ ଥାନାର ବୃହତ୍ ଅଂଶ ମାଡିବସିବା ସହ ସୌନ୍ଦର୍ଯ୍ୟ ହରାଉଛି। ଏ ସମ୍ପର୍କରେ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ମାସକ ମଧ୍ୟରେ ବିଭିନ୍ନ ଥାନାର ଜବତ ଗାଡିଗୁଡିକ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ମାସେ ହେଲାଣି ଜବତ ଗାଡଗୁଡିକର ଡାଟାବେସ ପ୍ରସ୍ତୁତ କରୁଛୁ। ଏହି ଦାୟିତ୍ୱରେ ଜଣେ ଅତିରିକ୍ତ ଡିସିପି କାର୍ଯ୍ୟ କରୁଛନ୍ତି। କେଉଁ ଗାଡିର ମାଲିକାନା ରହିଛି, କେଉଁ ଚୋରି ଗାଡି ଜବତ ହୋଇଛି, ଦୁର୍ଘଟଣାଗ୍ରସ୍ତ ଗାଡ଼ି ଆଦିର ତଥ୍ୟ ସଂଗ୍ରହ କରାଯାଉଛି। ଫେବୃୟାରୀ ସୁଦ୍ଧା ଏହା ଶେଷ ହେବା କଥା। କିନ୍ତୁ କେତେକ କାରଣରୁ ଏବେସୁଦ୍ଧା ୨ଟି ଥାନାରେ ଗାଡି ତାଲିକା ପ୍ରସ୍ତୁତ ହୋଇଛି। ତାଲିକା ପ୍ରସ୍ତୁତି ସରିବା ପରେ ପ୍ରଥମେ ସର୍ବସାଧାରଣ ନୋଟିସ ପ୍ରକାଶ ପାଇବ। ପରେ ପୋଲିସ କମିଶନରଙ୍କ ନିର୍ଦ୍ଦେଶକ୍ରମେ ନିଲାମ ହେବ। ପ୍ରାଥମିକ ପର୍ଯ୍ୟାୟରେ ଗୋଟିଏ ଥାନାର ଜବତ ଗାଡିଗୁଡିକର ନିଲାମ ହେବ। କ୍ରମାନ୍ୱୟରେ ସମସ୍ତ ଥାନାର ଜବତ ଗାଡି ନିଲାମ ହେବ ବୋଲି ଡିସିପି ଦାଶ ସୂଚନା ଦେଇଛନ୍ତି।



ଏୟାରଫିଲ୍ଡ ଥାନାରେ ଜବତ ବସ୍, କାର, ବାଇକ୍ ଓ ଅନ୍ୟ ଗାଡି ଖରା ବର୍ଷାରେ ପଡିରହିଛି ।

- ମାସକ ମଧ୍ୟରେ ନିଲାମ ପ୍ରକ୍ରିୟା ଆରମ୍ଭ ହେବ : ଡିସିପି
- ଡାଟାବେସ ପ୍ରସ୍ତୁତ କରୁଛନ୍ତି ଅତିରିକ୍ତ ଡିସିପି



ମଞ୍ଚେଶ୍ୱର ଥାନାରେ ପଡ଼ିରହି ନଷ୍ଟ ହେଉଥିବା ଜବତ ବାଇକ୍ ।

### ହାଇକୋର୍ଟଙ୍କ ନିର୍ଦ୍ଦେଶ କ'ଣ ରହିଛି

ଜବତ ଗାଡିଗୁଡିକ ଦୀର୍ଘ ସମୟଧରି ଥାନାରେ ରଖାଯିବା ଉଚିତ ନୁହେଁ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଉପଯୁକ୍ତ ବଣ୍ଡ୍ ଗ୍ୟାରେଣ୍ଟି କିମ୍ବା ସୁରକ୍ଷା ନେବାପରେ ମାଜିଷ୍ଟ୍ରେଟଙ୍କ ମାଧ୍ୟମରେ ସେଗୁଡିକ ମାଲିକଙ୍କ ନିକଟକୁ ଫେରସ୍ତ କରାଯାଇପାରିବ। ଯେଉଁ ଗାଡିଗୁଡିକ ନେବାକୁ ମାଲିକ ଦାବି କରନ୍ତି ନାହିଁ, ବୀମା କମ୍ପାନୀକୁ ସେହି ଗାଡିର ମାଲିକାନା ନେବାକୁ କୋର୍ଟ ଅନୁମତି ଦେଇପାରିବେ। ସେହିପରି ଯେଉଁ ଗାଡିଗୁଡିକର ମାଲିକ ବା ବୀମା କମ୍ପାନୀଙ୍କ ଦାବି ନ ଥାଏ, ସେହି ଗାଡିଗୁଡିକ କୋର୍ଟଙ୍କ ଦ୍ୱାରା ନିଲାମ କରିବାକୁ ନିର୍ଦ୍ଦେଶ ଦିଆଯାଇପାରିବ। ଚୋରି ଗାଡି ହେଉ ଅବା କୌଣସି କାରଣରୁ ଗାଡି ଜବତ ହେଲେ, ତାହାର ଯତ୍ନ ନିଆଯାଏ ନାହିଁ। ଫଳରେ ଖରା, ବର୍ଷା ଓ ବାହ୍ୟ ବିପଦ ସଂସ୍ପର୍ଶରେ ଆସି ଗାଡିଗୁଡ଼ିକ ନଷ୍ଟ ହୋଇଥାଏ। ତେଣୁ ଜବତ ଗାଡିକୁ ମୁକ୍ତ କରିବାକୁ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ।

**୩୩୨ ନେଲେ କୋଭିଡ୍ ଟିକା**

ସାକ୍ଷୀଗୋପାଳ, (ସ୍ୱ.ପ୍ର./ଡି.ଏନ୍.ଏ): ସତ୍ୟବାଦୀ ବ୍ଲକର ବରିଷ୍ଠ ନାଗରିକ, ରାଜସ୍ୱ, ପଞ୍ଚାୟତ ସମିତିର କର୍ମଚାରୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଶୁକ୍ରବାର କୋଭିଡ୍ ଟିକା ଦିଆଯାଇଛି। ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୦ରୁ ଊର୍ଦ୍ଧ୍ୱ ବୟସର ୨୧୬ଜଣ ବ୍ୟକ୍ତି ଟିକା ନେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱଜିତ ମିଶ୍ର, ଫାର୍ମାସିଷ୍ଟ ସୁରେଶ ଚନ୍ଦ୍ର ନନ୍ଦ ଓ ସେବିକା ସଞ୍ଜୁକ୍ତା ଦେବୀ ଉପସ୍ଥିତ ଥିଲେ। ସେହିପରି ବିଡିଓ କ୍ଷୀରୋଦ କୁମାର ବେହେରାଙ୍କ ସହ ବ୍ଲକ କର୍ମଚାରୀ ଓ ରାଜସ୍ୱ ବିଭାଗର ୧୧୬ କର୍ମଚାରୀ ଟିକା ନେଇଛନ୍ତି।

## ସଂକ୍ଷେପରେ

### ଫୁଟ୍‌ବଲ: ଫାଇନାଲରେ ପପୁଲାର କ୍ଲବ

ବେଗୁନିଆ,୧୨।୩(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅଧୀନ କୁଶପଲ୍ଲା ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଭୁବନେଶ୍ୱରର ବଜରଙ୍ଗବାଲି କ୍ଲବକୁ ହରାଇ ଢେଙ୍କାନାଳର ପପୁଲାର କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ଏହି ଦୁଇ ଟିମ୍ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ବଜରଙ୍ଗବାଲି ୫ଟି ଗୋଲ ଦେଇଥିବା ବେଳେ ପପୁଲାର କ୍ଲବ ୬ଟି ଗୋଲଦେଇ ବିଜୟୀ ହୋଇଥିଲା। ରାଜୁ ମହାନ୍ତି, ପି.କେ. ବାହିନୀପତି, ଗିରିଶ ଚନ୍ଦ୍ର ଜାନି, ଯୁଧିଷ୍ଠିର ବେହେରା ମ୍ୟାଚ ପରିଚାଳନା କରିଥିଲେ।

### ସୁନ୍ଦରାକାଣ୍ଡ ସତ୍‌ସଙ୍ଗ ପକ୍ଷରୁ ଶିବଲିଙ୍ଗ ପୂଜନ

ପୁରୀ ଅଫିସ,୧୨।୩: ଶାରଦାଦେବୀ ରୋଡସ୍ଥିତ ଶାରଦା ଗାର୍ଡେନ ପରିସରରେ ଶୁକ୍ରବାର ଶ୍ରୀରାମ ସୁନ୍ଦରାକାଣ୍ଡ ସତସଙ୍ଗ ପରିବାର ପକ୍ଷରୁ ପାର୍ଥିବ ଶିବଲିଙ୍ଗ ପୂଜନ ଓ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଛି। ଜ୍ୟୋତିଷ ଆଚାର୍ଯ୍ୟ ନିତ୍ୟାନନ୍ଦ କର ଓ ବଳରାମ ମିଶ୍ର ପୁରୋଧା ଦାୟିତ୍ୱ ତୁଲାଇଥିଲେ। ସାରା ବିଶ୍ୱ କରୋନା କବଳରୁ ରକ୍ଷା ପାଉ ଓ ଗୋମାତାଙ୍କ ସୁରକ୍ଷା ନିମନ୍ତେ ସତସଙ୍ଗ ପରିବାର ପକ୍ଷରୁ ପ୍ରାର୍ଥନା କରାଯାଇଥିଲା। ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରଜତ କୁମାର ପ୍ରତିହାରୀ ଏବଂ ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ଦୁର୍ଗାମଣି ପ୍ରତିହାରୀ, ରାଜଲକ୍ଷ୍ମୀ ପ୍ରତିହାରୀ, କାର୍ତ୍ତିକ ଚରଣ ପଣ୍ଡା, ହରପ୍ରସାଦ ମହାପାତ୍ର ଓ ଦିଲୀପ କୁମାର ମହାନ୍ତି ସାମିଲ ଥିଲେ।

### ଭଜନ ପୁସ୍ତକ ଉନ୍ମୋଚିତ

କୃଷ୍ଣପ୍ରସାଦ,୧୨।୩ (ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକରେ ଗୁରୁବାର କବି ରାଜକିଶୋର ସାହୁଙ୍କ 'ବିଶ୍ୱ କରୋନା ମହାମାରୀ ଭୂତାଣୁ' ଭଜନ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ନୀଳକଣ୍ଠ ତ୍ରିପାଠୀ, କମଳ ଦେବତା, ମିଲୁ କେଶରୀ, ଦୁର୍ଗାଚରଣ ସ୍ୱାଇଁ, ଗୀତାଞ୍ଜଳି ଦଳେଇ ପ୍ରମୁଖ ଏହି ପୁସ୍ତକକୁ ଜଗନ୍ନାଥ ମନ୍ଦିରରେ ଉନ୍ମୋଚନ କରିଥିଲେ। ଏହି ପୁସ୍ତକରେ କରୋନା ମହାମାରୀ ବ୍ୟାପିବାର କାରଣ, ସଚେତନତା ସମ୍ପର୍କରେ ଭଜନ ମାଧ୍ୟମରେ ସଚେତନ କରାଯାଇଛି।

### ଗୋପୀନାଥ ମିଶ୍ରଙ୍କ ପରଲୋକ

ପୁରୀ ଅଫିସ,୧୨।୩: ପୁରୀ ପଥୁରିଆ ସାହି ନିବାସୀ ସାମାଜିକ କର୍ମୀ ଗୋପୀନାଥ ମିଶ୍ରଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ରାଜନୀତି, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ସେ ପୁରୀ ସହରର ୧୪ ନମ୍ବର ୱାର୍ଡରୁ ପ୍ରତିନିଧିତ୍ୱ କରିବା ସହ ସୁନ୍ଦରା ଜାଗାର ଆଜୀବନ ସଭାପତି ରହିଥିଲେ। ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ସଙ୍ଗୀତ ପରିଷଦର ସେ ପ୍ରତିଷ୍ଠାତା ସଭାପତି ଥିଲେ। ସୁନ୍ଦରା ଜାଗାର ଅନେକ ସଦସ୍ୟଙ୍କ ସହ ପୁରୀର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ପ୍ରାଣନାଥ ମିଶ୍ର ମୁଖାଗ୍ନି ଦେଇଥିଲେ।

# ଗର୍ଭବତୀଙ୍କୁ ମିଳୁନି ଉତ୍ତମ ସେବା

ଖୋର୍ଦ୍ଧା ଅଫିସ,୧୨।୩

- ଖୋର୍ଦ୍ଧା ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
- ଡ୍ୟୁଟି ଛାଡ଼ି କ୍ଲିନିକ୍‌ରେ ରୋଗୀ ଦେଖୁଛନ୍ତି ଡାକ୍ତର

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚିକିତ୍ସାଳୟରେ କାର୍ଯ୍ୟରତ କେତେଜଣ ଡାକ୍ତର ନିର୍ଦ୍ଧାରିତ ସମୟରେ ରୋଗୀଙ୍କୁ ଦେଖିବା ପରିବର୍ତ୍ତେ ଘରୋଇ କ୍ଲିନିକ୍‌ରେ ସମୟ ଦେଉଛନ୍ତି। ଧାର୍ଯ୍ୟ ସମୟର ଦୁଇ ଘଣ୍ଟା ବିଳମ୍ବରେ ରୋଗୀଙ୍କୁ ଦେଖୁଥିବା ଦେଖିବାକୁ ମିଳିଛି। ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଡାକ୍ତରଙ୍କ ପରାମର୍ଶ ଲାଗି ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡ଼ା ହୋଇ ରହୁଛନ୍ତି। ଏଥିସହ ମାତୃ ଓ ଶିଶୁ ଯତ୍ନ କେନ୍ଦ୍ରରେ ରୋଗୀଙ୍କ ସେବାରେ ଅବହେଳା କରାଯାଉଥିବା ଅଭିଯୋଗ ଉଠିଛି।

ପ୍ରକାଶ ଯେ, ସକାଳ ୮ଟାଠାରୁ ୧୨ଟା ପର୍ଯ୍ୟନ୍ତ ଓପିଡି ସମୟ ରହିଛି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କେତେଜଣ ଡାକ୍ତର ସକାଳ ୯ଟା ୩୦ ପର୍ଯ୍ୟନ୍ତ ନିକଟ ଘରୋଇ କ୍ଲିନିକ୍‌ରେ ରୋଗୀଙ୍କୁ ଦେଖୁଛନ୍ତି। ସରକାରୀ ଡାକ୍ତର ମେଡିକାଲରେ ରୋଗୀ ସେବା କରିବା ପରିବର୍ତ୍ତେ ଘରୋଇ ମେଡିକାଲରେ ସମୟ ଦେଉଥିବା ଅଭିଯୋଗ ହେଉଛି। ମାତୃ ଓ ଶିଶୁ ଯତ୍ନ କେନ୍ଦ୍ରରେ ଗର୍ଭବତୀ ମହିଳାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯାଉ ନାହିଁ। କାର୍ଯ୍ୟରତ କର୍ମଚାରୀମାନେ ରୋଗୀ ଏବଂ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ଟାଙ୍ଗିଆପଡ଼ା ଅଞ୍ଚଳର ସୁମିତ୍ରା ନାୟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ବିଳମ୍ବିତ ରାତିରେ ପ୍ରସବ ଯନ୍ତ୍ରଣାଜନିତ ସମସ୍ୟା ନେଇ ଆସୁଥିବା ମହିଳାଙ୍କ ଚିକିତ୍ସା କରିବା ପରିବର୍ତ୍ତେ ସେମାନଙ୍କ ଅବସ୍ଥା ଭଲ ନ ଥିବା କହି ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି ବୋଲି ଗଦାଧର ବେହେରା ଏବଂ ସରୋଜ ନାୟକ କହିଛନ୍ତି। ଚିକିତ୍ସାଳୟରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ରୋଗୀଙ୍କ ଅବସ୍ଥା ଗୁରୁତର ରହିଥିବା ଦର୍ଶାଇ କ୍ୟାପିଟାଲ କିମ୍ବା କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଛି। ଘରୋଇ କ୍ଲିନିକ୍ ଏବଂ ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କେତେଜଣ କର୍ମଚାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିକାଲରେ ଘରୋଇ କ୍ଲିନିକ୍ ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏମାନେ ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସହ ଆଲୋଚନା କରି ଘରୋଇ କ୍ଲିନିକ୍‌କୁ ପ୍ରୋତ୍ସାହିତ କରୁଛନ୍ତି। ଉତ୍ତମ ସେବା ଆଳରେ ରୋଗୀ ଘରୋଇ କ୍ଲିନିକ ଯାଇ ଶୋଷିତ ହେଉଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି କହିଛନ୍ତି, ମାତୃ ଶିଶୁ ଯତ୍ନ କେନ୍ଦ୍ରରେ ରୋଗୀ ସେବାରେ ଅବହେଳା ନେଇ ଅଭିଯୋଗ ପାଇଛି। ଏହି ଘଟଣାର ତଦନ୍ତ କରାଯିବ। କୌଣସି ଡାକ୍ତର ଡ୍ୟୁଟି ସମୟରେ ଘରୋଇ କ୍ଲିନିକ୍‌ରେ ସେବା ଦେଉଥିବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ପୁରୀ ବଡଦାଣ୍ଡସ୍ଥିତ ପିଏନ୍‌ବି ସମ୍ମୁଖରେ ବ୍ୟାଙ୍କ କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ।

# ବ୍ୟାଙ୍କ ଘରୋଇକରଣ ନିଷ୍ପତ୍ତିକୁ ବିରୋଧ

ପୁରୀ ଅଫିସ,୧୨।୩

ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ ପକ୍ଷରୁ ଶୁକ୍ରବାର ପୁରୀ ବଡଦାଣ୍ଡସ୍ଥିତ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ବ୍ୟାଙ୍କ ଘରୋଇକରଣ ନିଷ୍ପତ୍ତି ପ୍ରତିବାଦରେ ଆସନ୍ତା ୧୫ ଓ ୧୬ ତାରିଖରେ ହେବାକୁ ଥିବା ଦୁଇଦିନିଆ ଧର୍ମଘଟକୁ ସଫଳ କରାଇବା ଉଦ୍ଦେଶ୍ୟରେ ଏହି ଆନ୍ଦୋଳନ ହୋଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କର ଓଡ଼ିଶା ସର୍କଲ କର୍ମଚାରୀ ସଂଘ ସଭାପତି ଚକ୍ରଧର ମହାପାତ୍ର କହିଛନ୍ତି, ଫେବୃୟାରୀ ୧ରେ ବ୍ୟାଙ୍କ ଘରୋଇକରଣ ନେଇ ଘୋଷଣା ହେଲା। ବ୍ୟାଙ୍କ ଘରୋଇକରଣ ଦ୍ୱାରା ଭାରତରେ ଜମାଦାତାଙ୍କ ଟଙ୍କା ଅସୁରକ୍ଷିତ ହୋଇଯିବ। ସେହିଭଳି କର୍ମଚାରୀମାନେ ମଧ୍ୟ ନିଜ ଚାକିରିକୁ ନେଇ ଅସୁରକ୍ଷିତ ମଣିବେ। ସାଧାରଣ ଜନତା ଋଣ ଓ ସୁବିଧାଜନକ ସେବା ପାଇବାରୁ ବଞ୍ଚିତ ହେବେ। ତେଣୁ ଏଥିଲାଗି କେବଳ ବ୍ୟାଙ୍କ କର୍ମଚାରୀ ନୁହଁନ୍ତି, ଜମାକାରୀମାନେ ମଧ୍ୟ ଚିନ୍ତା କରିବା ଦରକାର। ବନ୍ଦ ଡାକରାକୁ ସମର୍ଥନ ଦେବା ପାଇଁ ମହାପାତ୍ର ଜନସାଧାରଣଙ୍କୁ ନିବେଦନ ଜଣାଇଛନ୍ତି। ସେହିଭଳି ଦେଶରେ ଆଦାୟ ହୋଇ ନ ଥିବା ଋଣର ମାତ୍ରା କ୍ରମାଗତ ଭାବେ ବଢ଼ିଛି। ଫଳରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ କରାଯିବା ଭଳି ନିଷ୍ପତ୍ତି ଉପରେ ସରକାର ବିଚାର କରୁଛନ୍ତି। ବ୍ୟାଙ୍କର ଋଣ ବଢ଼ିବା ପଛରେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଦାୟୀ, ଏଥିପାଇଁ ଜମାକାରୀ ଓ କର୍ମଚାରୀ କାହିଁକି ଅଯଥା ହଇରାଣ ହେବେ ବୋଲି ଅନ୍ୟତମ କର୍ମଚାରୀ ସରୋଜ ଜେନା ପ୍ରଶ୍ନ କରିଛନ୍ତି। ଏହି ବିକ୍ଷୋଭରେ ଚକ୍ରଧର ମହାପାତ୍ର, ସରୋଜ ଜେନା, ଅଶୋକ କୁମାର ମହାପାତ୍ର, ଜଗନ୍ନାଥ ଦେଓ, ଟୁନା ନାୟକ ପ୍ରମୁଖ ସାମିଲ ଥିଲେ।

# ଦେଶାତ୍ମବୋଧକ ନାଚ, ଗୀତ ମନ ମୋହିଲା



ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ଆଜାଦୀର ୭୫ବର୍ଷ ଅବସରରେ ଅମୃତ ମହୋତ୍ସବ

କୋଣାର୍କ,୧୨।୩(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ନେହେରୁ ଯୁବକେନ୍ଦ୍ର ସଂଗଠନ, ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆଜାଦୀର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଅମୃତ ମହୋତ୍ସବ ସମାରୋହ ଶୁକ୍ରବାର ପାଳିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସଂଗଠନର ନିର୍ଦ୍ଦେଶକ ବି.ପି. ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରବି ମଲ୍ଲିକ ଯୋଗଦେଇ ଭାରତବର୍ଷର ଆଜାଦୀ ପାଇଁ ସଂଘର୍ଷ କରିଥିବା ମହାପୁରୁଷମାନଙ୍କର ସ୍ମୃତିଚାରଣ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଏଏସ୍‌ଆଇର ଭୁବନେଶ୍ୱର ସର୍କଲର ସୁପରିଣ୍ଟେଣ୍ଡେଣ୍ଟ ଡ. ଅରୁଣ ମଲ୍ଲିକ, ଏଏସ୍‌ଆଇ କେମିକାଲ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଶିଳ୍ପା ଆତୁରୀ ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁରେଶ ଚନ୍ଦ୍ର ମିନା ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସକାଳେ କଲେଜର ଏନ୍‌ସିସି ଓ ସ୍କାଉଟ ଛାତ୍ରୀଛାତ୍ରମାନଙ୍କୁ ନେଇ ଦେଶାତ୍ମବୋଧକ ସଙ୍ଗୀତ, ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗୀତରେ ଆଶୁତୋଷ ପ୍ରିୟଦର୍ଶନ ରାଉତ ପ୍ରଥମ, ଅନିଲ ବେହେରା ଦ୍ୱିତୀୟ ଓ ଚିନ୍ମୟୀ ଓଝା ତୃତୀୟ ସ୍ଥାନ ହାସଲ କରିଥିବାବେଳେ ବକ୍ତୃତାରେ ଅରିଜିତ ସାହୁ ପ୍ରଥମ, ନରେଶ ଅରିଜିତ ସାହୁ ଦ୍ୱିତୀୟ ଓ ତାରାପ୍ରସାଦ ଦାଶ ଏବଂ କୁଇଜ ପ୍ରତିଯୋଗିତାରେ ରାଜେଶ ତ୍ରିପାଠୀ ପ୍ରଥମ, ସାଇରିତ ସାହୁ ଦ୍ୱିତୀୟ ଓ ଅରିଜିତ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ କୃତିତ୍ୱ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତରେ ଦର୍ଶକଙ୍କୁ ମନ ମୋହିଥିଲା। କାର୍ଯ୍ୟକ୍ରମକୁ ପୁରୀ ଜିଲା ନେହେରୁ ଯୁବକେନ୍ଦ୍ର ଯୁବ ସଂଯୋଜକ ଜୟଶଙ୍କର ଜୋଷୀ, ଏଏସ୍‌ଆଇ ସ୍ଥାନୀୟ ଅଧିକାରୀ ନିରୋଜ ସିଂ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, କୋଣାର୍କ ମ୍ୟୁଜିୟମ ଅଧିକାରୀ ପ୍ରତାପ ନାୟକ, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

### ନକଲି ସୁନାଚେନ୍ ଲୁଟିନେଲ ଦୁର୍ବୃତ୍ତ

ଗୋପ,୧୨।୩(ଡି.ଏନ୍.ଏ.)

ଗୋପ-ନିମାପଡ଼ା ରାସ୍ତାର କୁଶୁପୁର ପାଟେଣାସାହି ଗ୍ରାମରେ ଶୁକ୍ରବାର ଭୋରୁ ୨ଜଣ ଦୁର୍ବୃତ୍ତ ଏକ ପଲସର୍ ଗାଡ଼ିରେ ଆସି ଜଣେ ମହିଳାଙ୍କ ବେକରୁ ନକଲି ସୁନାଚେନ ଲୁଟି ନେଇଯାଇଛନ୍ତି। ପ୍ରତିଦିନ ଭଳି ଏହି ଗ୍ରାମର ସବିତା ସାହୁ (୫୫) ନିଜ ଘର ନିକଟସ୍ଥ ରାସ୍ତାକଡ଼ରେ ଥିବା ଗୋଟିଏ ଗଛରୁ ଫୁଲ ତୋଳୁଥିଲେ। ଏହି ସମୟରେ ଏକ କଳା ପଲସର୍‌ରେ ୨ଜଣ ଯୁବକ ଆସି ସବିତାଙ୍କୁ ଗାଁର ମୁନା ସାହୁଙ୍କ ଘର ପଚାରିଥିଲେ। ସେ ଠିକଣା କହିବାବେଳେ ଗାଡ଼ି ପଛରେ ବସିଥିବା ଯୁବକ ହଠାତ୍ ମହିଳା ପିନ୍ଧିଥିବା ସୁନା ଚେନକୁ ଛିଣ୍ଡାଇ ନେଇ ପଳାଇଥିଲେ। ଫଳରେ ସବିତା ତଳେ ପଡ଼ିଯିବାରୁ ବେକରେ ଆଘାତ ଲାଗିଥିଲା। ତେବେ ଲୁଟ୍ ସୁନାଚେନ୍‌ଟି ନକଲି ବୋଲି ମହିଳା କହିଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ମର୍ନିଂ ୱାକ୍ କରୁଥିବା ଲୋକଙ୍କ ଉପରେ ଲୁଟେରାମାନେ ନଜର ରଖି ଲୁଟ କରୁଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଜଟଣୀ,୧୨।୩(ଡି.ଏନ୍.ଏ.)

ଜଟଣୀର ପ୍ରଥମ ନଗରପାଳ ସ୍ୱର୍ଗତ ରସିକଚନ୍ଦ୍ର ସାମନ୍ତରାୟଙ୍କ ସ୍ତ୍ରୀ ସରୋଜିନୀ ସାମନ୍ତରାୟ(୮୫)ଙ୍କ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ଜଣେ ଧର୍ମପରାୟଣା ଏବଂ ମିଷ୍ଟଭାଷୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜଟଣୀ ଜଗନ୍ନାଥପୁର(ପାତ୍ରପଡା)ସ୍ଥିତ ବାସଭବନରେ ସୁଦୀପ୍ତ ରାୟ, ତିରୁପତି ଶତପଥୀ, ପ୍ରଦୀପ ଜେନା, ପ୍ରଶାନ୍ତ ପ୍ରଧାନ, ସନ୍ତୋଷ ଜେନା, ବିଜୟ ଛୋଟରାୟ, ମହେନ୍ଦ୍ର ସାମନ୍ତରାୟ, ପଦ୍ମଚରଣ ପ୍ରଧାନ, ଅଶୋକ ମଙ୍ଗରାଜ, ଅନନ୍ତ ଶତପଥୀ, ପ୍ରଶାନ୍ତ ପାଇକରାୟ, କିଶନ ବେହେରା, ଲଲାଟେନ୍ଦୁ ବେବର୍ତ୍ତା, ମନୋଜ ସାହୁ, ପ୍ରମୋଦ ଦାସ, ବିଭୂତିଭୂଷଣ ବଳବନ୍ତରାୟ, ଅରୁଣ ସାହୁ, ଶିବପ୍ରସାଦ ରଥ, ଅକ୍ଷୟ ସାହୁ ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ କୃଷ୍ଣମୋହନ ମୁଖାଗ୍ନି ଦେଇଥିଲେ।

# ପ୍ରକାଶ ପାଇଲା ପ୍ରାର୍ଥୀଙ୍କ ନାମାଙ୍କନ ତାଲିକା

ଜଟଣୀ,୧୨।୩(ଡି.ଏନ୍.ଏ.)

ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଓକିଲ ସଂଘ ନିର୍ବାଚନ ନିମନ୍ତେ ଜଟଣୀ ଲୟର୍ସ ଆସୋସିଏଶନର ପ୍ରାର୍ଥୀଙ୍କ ନାମାଙ୍କନ ତାଲିକା ପ୍ରକାଶ ପାଇଛି। ଓଡ଼ିଶା ବାର୍ କାଉନସିଲର ଗାଇଡ୍‌ଲାଇନ୍ ମୁତାବକ ବିଭିନ୍ନ ପଦବୀ ନିମନ୍ତେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଥିଲେ। ସଭାପତି ପଦବୀ ପାଇଁ ସୁନୀଲ କୁମାର ମହାନ୍ତି, ଉପ-ସଭାପତି କାହ୍ନୁଚରଣ ପ୍ରଧାନ, ସମ୍ପାଦକ ଶିବପ୍ରସାଦ ରଥ, ଯୁଗ୍ମ-ସମ୍ପାଦକ ପ୍ରଦୀପ ମହାନ୍ତି, ସହ-ସମ୍ପାଦକ ରବି କୁମାର ପଣ୍ଡା, ପାଠାଗାର ସମ୍ପାଦକ ପ୍ରଭୁରାମ ପାତ୍ର, କୋଷାଧ୍ୟକ୍ଷ ପଦବୀ ପାଇଁ ଆଇନଜୀବୀ ଅରୁଣ କୁମାର ସାହୁ ପ୍ରମୁଖ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଏକ୍‌ଜିକ୍ୟୁଟିଭ ବଡି ନିମନ୍ତେ ୮ଜଣ ସଦସ୍ୟ ନାମାଙ୍କନ ଭରିଛନ୍ତି। ୧୩ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ ଥିବାବେଳେ ୧୫ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ ବୋଲି ଜଟଣୀ ଲୟର୍ସ ଆସୋସିଏଶନ ନିର୍ବାଚନ ଅଧିକାରୀ ଆଇନଜୀବୀ ଅକ୍ଷୟ କୁମାର ସାହୁ କହିଛନ୍ତି।

# ମତ୍ସ୍ୟ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

ଡେଲାଙ୍ଗ,୧୨।୩(ଡି.ଏନ୍.ଏ)

ସାଉରିଆ ପଞ୍ଚାୟତର କଅଁରପଡାସ୍ଥିତ ଖଣ୍ଡୁଆଳ ମନ୍ଦିର ପରିସରରେ ଶୁକ୍ରବାର ସିଫା ପକ୍ଷରୁ ମତ୍ସ୍ୟ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଚାଷୀ ରମେଶ ପାଟଶାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଏନ୍‌ଏଫଡିବି ପରିଚାଳନା ଅଧିକାରୀ ମାନସ ସିହ୍ନା, ମୁଖ୍ୟ ମତ୍ସ୍ୟ ପରିଚାଳନା ବିଭାଗର ଡ.ଏସ୍.ଏସ୍.ମିଶ୍ର, ବୈଜ୍ଞାନିକ ପ୍ରିୟବ୍ରତ ସ୍ୱାଇଁ, ଡ. ପୁଷ୍ପାଞ୍ଜଳି ଚୌଧୁରୀ, ପରିବେଶବିତ୍ ବିଶ୍ୱଜିତ ପରିଡା ପ୍ରମୁଖ ଯୋଗଦେଇଥିଲେ। ମଧୁର ଜଳରେ ମାଛ ଚାଷ କରିଥିବା ଚାଷୀମାନେ କିପରି ରୋଗ ଚିହ୍ନଟ କରିବେ, ରୋଗର ନିରାକରଣ, ଜଳର ଯତ୍ନ, ମାଟି ଓ ଜଳ ପରୀକ୍ଷା ଏବଂ ପ୍ରତ୍ୟହ ମାଛର ଗତିବିଧି ଦେଖି ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ଆଦି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିସହ ବତକ ଚାଷ, କୁକୁଡ଼ା ଚାଷ, ପୋଖରୀ ହୁଡ଼ାରେ ପନିପରିବା, ନଡ଼ିଆ ଆଦି ଚାଷ କରିବା ପାଇଁ ଚାଷୀ ଭାଇମାନଙ୍କୁ ଅତ୍ୟାଧୁନିକ ଚାଷ ପ୍ରଣାଳୀର ମନ୍ତ୍ର ଦେଇଥିଲେ। ସେହିପରି ପରିବେଶବିତ ବିଶ୍ୱଜିତ ପରିଡ଼ା ଚାଷୀମାନଙ୍କୁ ବାୟୁମଣ୍ଡଳର ସୁରକ୍ଷା, ଗ୍ଲୋବାଲୱାର୍ମିଂ ରୋକିବା ପାଇଁ ଗଛ ଲଗାଇବାକୁ ଅନୁରୋଧ କରିଥିଲେ। ଏହି ୨ଦିନିଆ ପ୍ରଶିକ୍ଷଣ ଶିବିରରେ ଡେଲାଙ୍ଗ ବ୍ଲକର ୬୦ଜଣ ମତ୍ସ୍ୟଚାଷୀଙ୍କୁ ପ୍ରଶିକ୍ଷଣ ମାନପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ଚାଷୀମାନଙ୍କ ପକ୍ଷରୁ ମାଛ ଚାଷକୁ ଉନ୍ନତୀକରଣ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ଶିକ୍ଷକ ଅଭାବରୁ ଶିକ୍ଷାଦାନରେ ସମସ୍ୟା

ବଳଙ୍ଗା, ୧୨।୩(ଡି.ଏନ୍.ଏ.)

**ବଳଙ୍ଗା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ**

ବଳଙ୍ଗା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ନ ଥିବାରୁ ଶିକ୍ଷାଦାନ ଓ ପରିଚାଳନା ବାଧାପ୍ରାପ୍ତ ହେଉଛି। ୨୦୧୮ ନଭେମ୍ବରରୁ ସରକାରୀ ଉଚ୍ଚ, ବାଳିକା ଉଚ୍ଚ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକତ୍ରୀକରଣ ହୋଇଛି। ଚଳିତ ଶିକ୍ଷାବର୍ଷରେ ୪ର୍ଥରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୫୧୦ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ ମଧ୍ୟ କୋଭିଡ୍ କଟକଣା ଯୋଗୁ ଏବେ ୪ର୍ଥରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ବନ୍ଦ ରହିଛି। ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ୩୦୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅଧିକାଂଶ ବିଦ୍ୟାଳୟକୁ ଆସୁଥିବା ଜଣାପଡ଼ିଛି। ବିଜ୍ଞାନ ଶିକ୍ଷକ ଅଭାବ ଥିବାରୁ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକ ଏଠାକୁ ସପ୍ତାହରେ ୩ଦିନ ଆସୁଛନ୍ତି। ଜଣେ ମାତ୍ର ସଂସ୍କୃତ ଶିକ୍ଷକ କୋଭିଡ୍ ନିୟମ ଅନୁଯାୟୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ସମ୍ଭବପର ହେଉନାହିଁ। ଦୀର୍ଘ ୫ବର୍ଷ ହେବ କିରାଣି ନ ଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଫିସ କାମ କରୁଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବାର୍ଷିକ ପରୀକ୍ଷା ପୂର୍ବରୁ ୧୦୦ ଦିନ ମଧ୍ୟରେ ନିର୍ଦ୍ଧାରିତ ପାଠ୍ୟକ୍ରମ ସାରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ରାତ୍ର ଜଗୁଆଳି ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କାର ଆସବାବପତ୍ରର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଚଳିତ ଶିକ୍ଷାବର୍ଷ ବିଦ୍ୟାଳୟରୁ ୩ଜଣ ଶିକ୍ଷକ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଥିବାରୁ ସମସ୍ୟା ଉପୁଜୁଛି। ତୁରନ୍ତ ଶିକ୍ଷକ, କିରାଣି, ରାତ୍ର ଜଗୁଆଳି ନିଯୁକ୍ତି ନିମନ୍ତେ ଅଭିଭାବକ ମହଲରେ ଦାବି ହୋଇଛି। ନଚେତ ଆସନ୍ତା ଶିକ୍ଷାବର୍ଷରେ ଅନେକ ଛାତ୍ରୀଛାତ୍ର ଏଠାରୁ ଚାଲିଯିବା ଆଶଙ୍କା ରହିଛି। ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଦେବୀ କହିଛନ୍ତି।



ନରଦାଠାରେ ଆୟୋଜିତ କୃଷକ-ବୈଜ୍ଞାନିକ ଭାବ ବିନିମୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ

ପିପିଲି,୧୨।୩(ସ୍ୱ.ପ୍ର.)

କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର୍-ସିଫା ଓ ଦରବାର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ନରଦାରେ କୃଷକ-ବୈଜ୍ଞାନିକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତଫସିଲଭୁକ୍ତ ଜାତିର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ 'ହରିଜନ ଉପଯୋଜନା କାର୍ଯ୍ୟକ୍ରମ' ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ୧୨୦ଜଣ କୃଷକ ଯୋଗଦେଇଥିଲେ। ସଭାରେ କୃଷକ ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରି ଅଭିବୃଦ୍ଧି ବଢ଼ାଇବା ଓ ଜୈବିକସାର ପ୍ରୟୋଗ କରିବାକୁ ଯତ୍ନବାନ ହେବା ପାଇଁ ସିଫାର ସାମାଜିକ ବିଜ୍ଞାନ ମୁଖ୍ୟ ତଥା ପ୍ରଧାନ ବୈଜ୍ଞାନିକ ଡ. ଗୌର ସୁନ୍ଦର ସାହା ଉପସ୍ଥିତ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଦରବାର ସଂସଦ ସମ୍ପାଦକ କେଦାରେଶ୍ୱର ଚୌଧୁରୀ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସଭାରେ ପଦ୍ମଶ୍ରୀ ବଟକୃଷ୍ଣ ସାହୁ ସଭାପତିତ୍ୱ କରିବା ସହ ବୈଜ୍ଞାନିକ ପଦ୍ଧତିରେ ମାଛଚାଷ କରିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ମାନଓ ସିହ୍ନା ମାଛ ଚାଷ ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଏସ୍‌ସିଏସ୍‌ପି ପ୍ରକଳ୍ପର ଚେୟାରମ୍ୟାନ୍ ଡ. ପ୍ରକାଶ ମହାନ୍ତି, ବାଲିପାଟଣା ପ୍ରେସ୍ କ୍ଲବ୍‌ର ସଭାପତି ଦିଲୀପ ଓଝା ଓ ସିଫାର ପ୍ରଧାନ ବୈଜ୍ଞାନିକ ଡ. ଆଶିଷ ସାହା ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମର ୫ଜଣ ଅଗ୍ରଣୀ ମହିଳା କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ମତ୍ସ୍ୟଚାଷ ଓ ଉତ୍ପାଦନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ତତ୍କାଳ ସମାଧାନ କରାଯାଇଥିଲା। ବୈଷୟିକ ଅଧିକାରୀ ଦୁର୍ଗାପ୍ରସାଦ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ଚନ୍ଦ୍ରକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମିଳୁନି ପଡ଼ିଆ, ହୋଇପାରୁନି ଚୟନ

ପୁରୀ ଅଫିସ,୧୨।୩

- ପୁରୀ ସହରରେ ନାହିଁ କ୍ରିକେଟ ଗ୍ରାଉଣ୍ଡ
- ଶ୍ରୀଜଗନ୍ନାଥ ଷ୍ଟାଡିୟମ ନିର୍ମାଣ ସରିନାହିଁ
- ନିମାପଡ଼ା ଖେଳପଡ଼ିଆ ଉପରେ ନିର୍ଭର

ପୁରୀ ଜିଲା ସିନିୟର ବିଭାଗର କ୍ରିକେଟ୍ ଖେଳାଳି ଚୟନ ପ୍ରକ୍ରିୟା ଆଗେଇ ପାରୁନାହିଁ। ଖେଳାଳି ଚୟନ ପାଇଁ ରେଜିଷ୍ଟ୍ରେଶନ ପ୍ରକ୍ରିୟା ଗତ ୬ତାରିଖରୁ ଆରମ୍ଭ ହୋଇଥିଲେ ମଧ୍ୟ ପୁରୀ ସହରରେ କ୍ରିକେଟ ଗ୍ରାଉଣ୍ଡ ନ ଥିବାରୁ ଚୟନ ପ୍ରକ୍ରିୟା ହୋଇପାରୁନାହିଁ। ସମସ୍ତେ ନିହାତି ନାଚାର ବୋଲି ଦେଖାଇ ହେଉଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ନିର୍ଦ୍ଦେଶକ୍ରମେ ପ୍ରାୟ ଅଧିକାଂଶ ଜିଲାରେ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। କିନ୍ତୁ ପୁରୀରେ ବିବାଦ ତୁଟୁନି। ପୂର୍ବରୁ ପୁରୀ ସହରରେ ଚୟନ ପ୍ରକ୍ରିୟା ହେଉଥିଲା। ଫଳରେ ଜିଲାର ସବୁ ସ୍ଥାନରୁ ଖେଳାଳିମାନେ ଆସି ସହଜରେ ପୁରୀରେ ପହଞ୍ଚିପାରନ୍ତି। ତେଣୁ କଳାହାଣ୍ଡି କପ୍‌ଠାରୁ ଆରମ୍ଭ କରି ସବୁ ଶ୍ରେଣୀର ଖେଳାଳି ଚୟନ ପ୍ରକ୍ରିୟା ପୁରୀ ସହରରେ ହିଁ ହୋଇଥାଏ। ପୁରୀ ଜିଲା ସ୍କୁଲ୍ ଏବଂ ଏସ୍‌ସିଏସ୍ କଲେଜ ଗ୍ରାଉଣ୍ଡରେ ଚୟନ ଶିବିର ଆୟୋଜନ କରାଯାଏ। ମାତ୍ର ଉଭୟ କର୍ତ୍ତୃପକ୍ଷ ଏବେ କ୍ରିକେଟ୍‌କୁ ଅନୁଷ୍ଠାନ ପରିସରରେ ନିଷେଧ କରିବା ପରେ ସମସ୍ୟା ଦେଖାଦେଇଛି। ସିନିୟର ବିଭାଗର ଖେଳାଳିମାନେ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ଭେଟି ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଅନୁରୋଧ ଜଣାଇଛନ୍ତି। ତେବେ କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ କହିଛନ୍ତି, କ୍ରିକେଟ୍ ଖେଳାଳିମାନେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଖେଳିବା ପାଇଁ ଅନୁମତି ମାଗୁଛନ୍ତି। ମାତ୍ର ଏହା ଆଦୌ ସମ୍ଭବ ନୁହେଁ। ପ୍ରତିଦିନ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଫୁଟ୍‌ବଲ, ଭଲି, ବକ୍ସିଂ, କବାଡ଼ି, ଥ୍ରୋବଲ୍ ପ୍ରଭୃତି ଖେଳର ଅଭ୍ୟାସ ହେଉଛି। ସକାଳ ଓ ସନ୍ଧ୍ୟାରେ ପ୍ରାୟ ୩ଶହ ଖେଳାଳି ଅଭ୍ୟାସ କରୁଛନ୍ତି। ଏଣୁ ଏହି ସବୁ ଖେଳକୁ ବନ୍ଦ କରି କ୍ରିକେଟ ଚୟନ ପାଇଁ ଅନୁମତି ଦେବା ସମ୍ଭବ ନୁହେଁ। ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ ଷ୍ଟାଡିୟମ ପ୍ରସ୍ତୁତ ହେବାକୁ ଆହୁରି ୬ରୁ ୭ମାସ ସମୟ ଲାଗିବ। ଏହାପରେ ହିଁ କ୍ରିକେଟ୍ ଖେଳିବାକୁ ଏକ ଡେଡିକେଟେଡ୍ ପିଚ୍ ମିଳିବ। ଅନ୍ୟପକ୍ଷରେ ପୁରୀ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ରବିଶଙ୍କର ପ୍ରତିହାରୀ କହିଛନ୍ତି, ରାଜ୍ୟସ୍ତରୀୟ ଟିମ୍ ଲାଗି ଜିଲାସ୍ତରୀୟ ଟିମ୍ ଚୟନ ସମୟ ହୋଇ ଗଲାଣି। ମାତ୍ର ଖେଳିବାକୁ ସହରରେ ପଡ଼ିଆ ମିଳୁ ନ ଥିବାରୁ ଗୋଟିଏ ସ୍ଥାନରେ ସବୁ ମ୍ୟାଚ କରାଇବା ସମ୍ଭବ ନୁହେଁ। ନିମାପଡ଼ା ଓ ବ୍ରହ୍ମଗିରିରେ କେତେକ ମ୍ୟାଚ କରାଇବା ଲାଗି ବିଚାର କରୁଛୁ। ବ୍ରହ୍ମଗିରିରେ ମ୍ୟାଚ ହେବା ସମ୍ଭାବନା କ୍ଷୀଣ। ସ୍ଥାନୀୟ ପ୍ରଶାସନ ଏ ନେଇ ମନା କରିସାରିଲେଣି। ଏଣୁ ନିମାପଡ଼ା ହିଁ ଏକମାତ୍ର ଭରସା। ସେହିପରି ସିନିୟର ବିଭାଗରେ ଖେଳିବାକୁ ଥିବା ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ନିମାପଡ଼ା କଲେଜ ପଡ଼ିଆରେ ସବୁ ମ୍ୟାଚ କରାଇବା ସମ୍ଭବ ନୁହେଁ। ଲଗାତର ୧୦ଟି ମ୍ୟାଚ ଖେଳାଯିବାକୁ ଥିବାରୁ ପିଚ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ତେଣୁ ନିମାପଡ଼ାରେ ଖେଳା ନ ଯାଇ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯାଉ ବୋଲି ସେ ଦାବି କରିଛନ୍ତି।